ବର୍ଷ-୨୫, ସଂଖ୍ୟା-୨୩୬
ଭୁବନେଶ୍ୱର
୦୩, ସେପ୍ଟେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 236
Bhubaneswar
03, September, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କମାଲ୍ କରୁଛି
'ଲୋକାହ-ଚାପ୍ଟର-୧'

# ସେମିକନ୍ ଇଣ୍ଡିଆକୁ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

## ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ସେମିକଣ୍ଡକ୍ଟର ଚିପ୍ସ ଉଦ୍‌ଘାଟିତ

ନୂଆଦିଲ୍ଲୀ,୨।୯(ମହାଭାରତ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଆଜି ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ - ୨୦୨୫ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତ ଏବଂ ବିଦେଶର ସେମିକଣ୍ଡକ୍ଟର ଶିଳ୍ପର ସିଇଓ ଏବଂ ସେମାନଙ୍କ ସହଯୋଗୀଙ୍କ ଉପସ୍ଥିତିକୁ ସ୍ୱୀକାର କରିଛନ୍ତି। ସେ ବିଭିନ୍ନ ଦେଶରୁ ଆସିଥିବା ବିଶିଷ୍ଟ ଅତିଥି, ଷ୍ଟାର୍ଟ-ଅପ୍ ସହ ଜଡିତ ଉଦ୍ୟୋଗୀ ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, ସେ ଗତକାଲି ରାତିରେ ଜାପାନ ଏବଂ ଚୀନ ଗସ୍ତରୁ ଫେରିଛନ୍ତି। ଆଜି ସେ ଯଶୋଭୂମିରେ ଏପରି ଦର୍ଶକଙ୍କ ଗହଣରେ ଉପସ୍ଥିତ ଅଛନ୍ତି, ଯେଉଁମାନେ ଆକାଂକ୍ଷା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ରହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ପ୍ରତି ତାଙ୍କର ଆଗ୍ରହ ସର୍ବଦା ସ୍ୱାଭାବିକ ଏବଂ ଏ ବିଷୟରେ ସମସ୍ତେ ପରିଚିତ । ତାଙ୍କର ସାମ୍ପ୍ରତିକ ଜାପାନ ଗସ୍ତ ସମୟରେ, ତାଙ୍କୁ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ଟୋକିଓ ଇଲେକ୍ଟ୍ରୋନ୍ କାରଖାନା ପରିଦର୍ଶନ କରିବାର ସୁଯୋଗ ମିଳିଥିଲା। ସେହି କମ୍ପାନୀର ସିଇଓ ଆଜି ମଧ ଦର୍ଶକଙ୍କ ଗହଣରେ ଉପସ୍ଥିତ ଅଛନ୍ତି। ପ୍ରଯୁକ୍ତିବିଦ୍ୟା ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ବାରମ୍ବାର ଏପରି ସମାବେଶ ଆଡ଼କୁ ଆକର୍ଷିତ କରିଥାଏ। ଆଜି ଦର୍ଶକଙ୍କ ମଧ୍ୟରେ ଉପସ୍ଥିତ ରହିବା ତାଙ୍କୁ ବହୁତ ଆନନ୍ଦ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦୀ କହିଥିଲେ, ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ ରହିଛି । ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥାଏ, "ବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହିତ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ ବିଶ୍ୱ ପ୍ରସ୍ତୁତ ରହିଛି।" ପ୍ରଧାନମନ୍ତ୍ରୀ ସେମିକନ୍ ଇଣ୍ଡିଆରେ ଯୋଗ ଦେଇଥିବା ସମସ୍ତ ବିଶିଷ୍ଟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେମାନେ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଆଡକୁ ଭାରତର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।



ନିକଟରେ ପ୍ରକାଶ ପାଇଥିବା ଚଳିତ ବର୍ଷର ପ୍ରଥମ ତ୍ରୈମାସର ଜିଡିପି ଅଭିବୃଦ୍ଧି ସଂଖ୍ୟା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ଅଭିବୃଦ୍ଧି ପୁଣିଥରେ ସବୁ ଆକଳନ, ପ୍ରତ୍ୟାଶା ଏବଂ ପୂର୍ବାନୁମାନକୁ ପଛରେ ପକାଇ ଦେଇଛି। ସେ କହିଥିଲେ, ସାରା ବିଶ୍ୱର ବିଭିନ୍ନ ଅର୍ଥବ୍ୟବସ୍ଥା ନାନା ସମସ୍ୟାର ସାମନା କରୁଛନ୍ତି। ଆର୍ଥିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ଆହ୍ୱାନ ସତ୍ତ୍ୱେ ଭାରତ ୭.୮ ପ୍ରତିଶତ ବିକାଶ ହାର ହାସଲ କରିଛି। ଉତ୍ପାଦନ, ସେବା, କୃଷି ଏବଂ ନିର୍ମାଣ ସମେତ ସବୁ କ୍ଷେତ୍ରରେ ଅଭିବୃଦ୍ଧି ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଛି। ଅର୍ଥବ୍ୟବସ୍ଥାକୁ ନେଇ ରହିଥିବା ଉତ୍ସାହ ସବୁଆଡ଼େ ଦେଖିବାକୁ ମିଳୁଛି। ଭାରତର ଦ୍ରୁତ ଅଭିବୃଦ୍ଧି ଶିଳ୍ପ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ନୂତନ ଉର୍ଜା ସଂଚାର କରୁଛି। ଅଭିବୃଦ୍ଧିର ଏହି ଗତିପଥ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ନେଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

"ତେଲ ଥିଲା କଳା ସୁନା, କିନ୍ତୁ ଚିପ୍ସଗୁଡ଼ିକ ଡିଜିଟାଲ ଡାଇମଣ୍ଡ।" ସେମିକଣ୍ଡକ୍ଟର ଦୁନିଆରେ ଏହି ଚର୍ଚ୍ଚିତ ଉକ୍ତିକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ଦଶନ୍ଧି ତୈଳ ଦ୍ୱାରା ପରିଭାଷିତ ହୋଇଥିଲା। ତୈଳ କୂପ ଜରିଆରେ ଦୁନିଆର ଭାଗ୍ୟ ନିର୍ଦ୍ଧାରଣ ହୋଇଥିଲା। ଏସବୁ କୂପରୁ କେତେ ପେଟ୍ରୋଲିୟମ ଉତ୍ପାଦିତ ହେଉଛି, ତାହାକୁ ଆଧାର କରି ବିଶ୍ୱ ଅର୍ଥବ୍ୟବସ୍ଥାର ଉତ୍ଥାନପତନ ହେଉଥିଲା। ତେବେ ଏକବିଂଶ ଶତାବ୍ଦୀର ସାମର୍ଥ୍ୟ କ୍ଷୁଦ୍ର ଚିପ୍ ଉପରେ ନ୍ୟସ୍ତ ରହିଛି ବୋଲି ସେ ଜୋର ଦେଇ କହିଥିଲେ। କ୍ଷୁଦ୍ରାକୃତି ହେବା ସତ୍ତ୍ୱେ ଏସବୁ ଚିପରେ ବିଶ୍ୱର ପ୍ରଗତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବାର ଅପାର ସମ୍ଭାବନା ରହିଛି । ଶ୍ରୀ ମୋଦୀ କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ବଜାରର ଆକାର ୬୦୦ ବିଲିୟନ ଡଲାରରେ ପହଂଚି ସାରିଛି। ଆଗାମୀ ଦିନରେ ଏହା ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯେଉଁଭଳି ଗତିରେ ଅଗ୍ରସର ହେଉଛି, ତା'କୁ ଦେଖିଲେ ୧ ଟ୍ରିଲିୟନ ଡଲାର ବଜାରରେ ଭାରତ ଏକ ବଡ଼ ଅଂଶଧନ ହାସଲ କରିବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ ।

ଭାରତ ଯେଉଁ ଗତିରେ ଆଗକୁ ବଢୁଛି ତାହା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୨୧ ମସିହାରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୨୦୨୩ ସୁଦ୍ଧା ଭାରତର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଂଟକୁ ମଞ୍ଜୁର କରାଯାଇଥିଲା। ୨୦୨୪ରେ ଆହୁରି କିଛି ପ୍ଲାଂଟକୁ ମଞ୍ଜୁରି ମିଳିଥିଲା। ୨୦୨୫ରେ ପାଂଚଟି ଅତିରିକ୍ତ ସେମିକଣ୍ଡକ୍ଟର ପ୍ଲାଂଟକୁ ଅନୁମୋଦନ କରାଯାଇଛି । ବର୍ତ୍ତମାନ ମୋଟ୍ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଚାଲିଛି। ଏଥିରେ ୧୮ ବିଲିୟନ ଡଲାରରୁ ଅଧିକ, ଅର୍ଥାତ୍ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସାମିଲ ରହିଛି। ଏହା ଭାରତ ପ୍ରତି ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ।

ଶ୍ରୀ ମୋଦୀ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରର ପ୍ରଗତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସେ କହିଥିଲେ, ଫାଇଲ୍ ରୁ କାରଖାନା ପର୍ଯ୍ୟନ୍ତ ସମୟ ଯେତେ କମ ହେବ ଏବଂ କାଗଜପତ୍ର ଯେତେ କମ ହେବ, ସେତେ ଶୀଘ୍ର ୱେଫର କାର୍ଯ୍ୟ ଆରମ୍ଭ ହୋଇପାରିବ। ସରକାର ଏହି ପଦ୍ଧତିରେ ଏବେ କାମ କରୁଛନ୍ତି। ଜାତୀୟ ଏକକ ୱିଣ୍ଡୋ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି, ଯାହା କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ସମସ୍ତ ଅନୁମୋଦନକୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ କରିପାରିବ। ଫଳସ୍ୱରୂପ, ନିବେଶକମାନଙ୍କୁ ବ୍ୟାପକ କାଗଜପତ୍ରରୁ ସମସ୍ୟାରୁ ମୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଗୋଟିଏ ପ୍ଲଗ୍-ଏଣ୍ଡ-ପ୍ଲେ ଭିତ୍ତିଭୂମି ମଡେଲ ଅଧୀନରେ ଦେଶବ୍ୟାପୀ ସେମିକଣ୍ଡକ୍ଟର ପାର୍କ ବିକଶିତ କରାଯାଉଛି, ଯାହା ଜମି, ବିଦ୍ୟୁତ୍ ଯୋଗାଣ, ବନ୍ଦର ଓ ବିମାନବନ୍ଦର ସଂଯୋଗୀକରଣ ଏବଂ ଏକ ଦକ୍ଷ ଶ୍ରମିକ ପୁଲ ଭଳି ସୁବିଧା ପ୍ରଦାନ କରିଥାଏ। ଯେତେବେଳେ ଏପରି ଭିତ୍ତିଭୂମିକୁ ପ୍ରୋତ୍ସାହନ ସହିତ ଯୋଡାଯାଏ, ସେତେବେଳେ ଶିଳ୍ପ ଅଭିବୃଦ୍ଧି ଅନିବାର୍ଯ୍ୟ ବୋଲି ସେ ଦୃଢ଼ ଭାବେ କହିଥିଲେ।

# ଓଡ଼ିଶାରେ ପ୍ରସ୍ତୁତ ହୋଇଛି ୩ ସେମିକଣ୍ଡକ୍ଟର ଚିପ୍

ନୂଆଦିଲ୍ଲୀ,୨।୯(ମହାଭାରତ): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦେଶର ପ୍ରଥମ ସେମିକଣ୍ଡକ୍ଟର ଚିପ୍‌କୁ ଉନ୍ମୋଚନ କରାଯାଇଛି। ସବୁଠାରୁ ବଡ଼କଥା ହେଲା, ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ପ୍ରସ୍ତୁତ ୩ଟି ସେମିକଣ୍ଡକ୍ଟର ଚିପ୍ ଭେଟି ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ନୂଆଦିଲ୍ଲୀରେ ଆୟୋଜିତ ସେମିକନ୍ ଇଣ୍ଡିଆ-୨୦୨୫ରେ ଏହି ଚିପ୍ ପ୍ରଦାନ କରାଯାଇଛି । ଏନ୍ଆଇଟି ରାଉରକେଲାରେ ପ୍ରସ୍ତୁତ ୨ଟି ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ପ୍ରସ୍ତୁତ ଗୋଟିଏ ଚିପ୍ ପ୍ରଦାନ କରିଛନ୍ତି ଅଶ୍ୱିନୀ ବୈଷ୍ଣବ। ସେମିକନ୍ ଇଣ୍ଡିଆ। ୨୦୨୫ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୪ଟି ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପର 'ବିକ୍ରମ' ୩୨-ବିଟ୍ ପ୍ରୋସେସର୍ ଓ




ପରୀକ୍ଷଣ ଚିପ୍ସ ପ୍ରଦାନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାମିଲ ହୋଇଛନ୍ତି। ସେମିକନ୍ ଇଣ୍ଡିଆ-୨୦୨୫ରେ ଓଡ଼ିଶା ପାଭିଲିୟନକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶ ସୁଯୋଗ ରହିଥିବାରୁ ଏଥିରେ ସାମିଲ ହୋଇ କିପରି ଓଡିଶା ଭାଗିଦାରୀ ହୋଇପାରିବ ସେନେଇ ପ୍ରସ୍ତାବ ରଖିଛନ୍ତି। ସେମିକନ୍ ଇଣ୍ଡିଆ ୨୦୨୫ର ଐତିହାସିକ ମୁହୂର୍ତ୍ତରେ ଓଡ଼ିଶା ଭାଗୀଦାର ହୋଇପାରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ବଡ଼ସମ୍ଭାବନା ରହିଛି ।

ସେମିକଣ୍ଡକ୍ଟର ସାଧାରଣତଃ ସିଲିକନ୍‌ରୁ ତିଆରି ଏକ ଚିପ୍। ଟ୍ରାଞ୍ଜିଷ୍ଟର, ଡାୟୋଡ୍ ଏବଂ ଇଣ୍ଟିଗ୍ରେଟେଡ୍ ସର୍କିଟ୍ ନିର୍ମାଣରେ ସହାୟକ ହୁଏ। କମ୍ପ୍ୟୁଟର, ଲାପଟପ, ସ୍ମାର୍ଟ ଟିଭି, ମୋବାଇଲ ଫୋନ୍‌ରେ ବ୍ୟବହାର ହୁଏ। ଇଲେକ୍ଟ୍ରୋନିକ୍ ଓ ଇଲେକ୍ଟ୍ରିକାଲ ଗ୍ୟାଜେଟ୍‌ରେ ସେମିକଣ୍ଡକ୍ଟର ଜରୁରୀ। ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଓ ସାଟେଲାଇଟ୍ ଭଳି କ୍ଷେତ୍ରରେ ଏହାର ବ୍ୟବହାର ରହିଛି। ଭୁବନେଶ୍ୱରରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି କରିଛି। ଏଥିପାଇଁ ୧ ହଜାର ୯୪୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ତାଳଚେର ଓ ଫୁଲବାଣୀ ମେଡିକାଲ କଲେଜରେ ହେବ ପାଠପଢ଼ା

ଭୁବନେଶ୍ୱର,୨।୯(ମହାଭାରତ): ଓଡ଼ିଶାର ଆଉ ଦୁଇଟି ସରକାରୀ ମେଡିକାଲ କଲେଜ ପାଇଁ ୨୦୦ ଆସନ ଅନୁମୋଦିତ ହୋଇଛି। ଜାତୀୟ ମେଡିକାଲ କମିଶନ୍ ଏହି ମଞ୍ଜୁରୀ ଦେଇଛନ୍ତି। ଏ ନେଇ ଆଜି ଏଲ୍ଓପି ପ୍ରଦାନ ସହ ସିଟ ସଂଖ୍ୟା ବୃଦ୍ଧିକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି।ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ୧୦୦ ଟି ସିଟ୍ ଅନୁମୋଦିତ ହୋଇଥିବା ବେଳେ, ତାଳଚେର ସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜ ପାଇଁ ମଧ ୧୦୦ ଟି ସିଟ୍ ଅନୁମୋଦିତ ହୋଇଛି। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ପାଠ ପଢା ଆରମ୍ଭ ହେବ। ଜାତୀୟ ମେଡିକାଲ କମିଶନ୍ ଦ୍ୱାରା ଏହି ମଞ୍ଜୁରୀକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲ ଖୁଣ୍ଟ କରି ପାରିଛି। ଗୋଟିଏ ବର୍ଷରେ ୨୦୦ ଅଧିକ



ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ଶିକ୍ଷା ବର୍ଷ ଠାରୁ ଡାକ୍ତରୀ ଶିକ୍ଷା ଗ୍ରହଣ କରି ପାରିବେ।

ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରି ଚାଲିଛନ୍ତି। ଏହି ମଞ୍ଜୁରୀ ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏ ସମ୍ପର୍କରେ ବିଗତ ଦିନରେ ଦିଲ୍ଲୀ ଠାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲୁ, ଯାହାକି ଆଜି ବାସ୍ତବ ରୂପ ନେଇଛି। ଏହା ମାଧ୍ୟମରେ ରାଜ୍ୟର ମେଡିକାଲ ଶିକ୍ଷା ସୁଦୃଢ଼ ହେବା ସହ ଅନେକ ବିଦ୍ୟାର୍ଥୀଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ।

# ଜାମଦା ତହସିଲଦାର ମଧୁସ୍ମିତା ସିଂ ଗିରଫ

ବାରିପଦା,୨।୯(ମହାଭାରତ): ଦୁର୍ନୀତି ପାଇଁ ମୟୁରଭଞ୍ଜ ଜିଲ୍ଲାର ଜାମଦା ତହସିଲଦାର ମଧୁସ୍ମିତା ସିଂ ଗିରଫ ହୋଇଛନ୍ତି। ୪କୋଟି ସରକାରୀ ଟଙ୍କା ଆର୍ଥିକ ହେରଫେର ନେଇ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ତାଙ୍କୁ ଗିରଫ କରିଛନ୍ତି। ତାଙ୍କୁ ରାଜ୍ୟ ସରକାର ସରକାରୀ ଚାକିରିରୁ ନିଲମ୍ବନ କରିବା ପରେ ମଙ୍ଗଳବାର ସେ ଗିରଫ ହୋଇଛନ୍ତି।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ପୌରପାଳିକାରେ ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ କାର୍ଯ୍ୟରତ ଥିବା ବେଳେ ଦୁର୍ନୀତି କରିଛନ୍ତି। ଯାହାକୁ ସ୍ୱତନ୍ତ୍ର ଅଡିଟ୍ ଯାଂଚ୍ କରି ରାଜସ୍ୱ ବିଭାଗ ପାଖରେ ରିପୋର୍ଟ ଦାଖଲ କରିଥିଲେ। ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ପ୍ରଥମେ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଂଟାଂଟ ବିଭୁତି ସାହୁଙ୍କୁ ଗିରଫ କରିଥିଲେ। ଏହାପରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ଆର୍ଥିକ ଅନିୟମିତତା ଯୋଗୁଁ ଭିଜିଲାନ୍ସ କୋର୍ଟରେ ମଧୁମିତା ସିଂ ଦଣ୍ଡିତ ହେବା ପରେ ଗତ ଅଗଷ୍ଟ ୩୦ ତାରିଖରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ଆଜି ତାଙ୍କୁ ଗିରଫ କରାଯାଇଛି। ମଧୁସ୍ମିତା ସିଂ ମୟୂରଭଞ୍ଜ ଜିଲ୍ଲା ଜାମଦାର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଏହି ଦୁର୍ନୀତି ନେଇ ଅର୍ଥନୈତିକ ଅପରାଧ ଶାଖା ତଦନ୍ତ ଜାରି ରଖିଛନ୍ତି।

# ବିହାରବାସୀ ମୋର ମା'ଙ୍କ ଅପମାନ କ୍ଷମା କରିବେନି : ମୋଦି

ନୂଆଦିଲ୍ଲୀ,୨।୯(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଉପରେ କଡା ଆକ୍ରମଣ କରି କହିଛନ୍ତି ଯେ, ସେମାନେ ମୋର ସ୍ୱର୍ଗତ ମାଆଙ୍କ ଅପମାନ କରିଛନ୍ତି ଓ ଏହା କେବଳ ମୋର ମାଆଙ୍କୁ ନୁହେଁ, ଦେଶର କୋଟି କୋଟି ମାଆ, ଭଉଣୀ ଓ ଝିଅମାନଙ୍କ ଅପମାନ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ବ୍ୟକ୍ତିଗତ ଭାବେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ କ୍ଷମା କରିପାରନ୍ତି, କିନ୍ତୁ ବିହାରର ଜନତା ମୋର ମାଆଙ୍କ ଅପମାନକୁ କେବେ ବରଦାସ୍ତ କରିବେ ନାହିଁ। ପ୍ରଧାନମନ୍ତ୍ରୀ ଏହି ମନ୍ତବ୍ୟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡ୍ ର ଉଦ୍‌ଘାଟନ ବେଳେ କହିଛନ୍ତି। ଏହି ଅବସରରେ ସେ ଏହି ସଂସ୍ଥାର ବ୍ୟାଙ୍କ ଖାତାକୁ ୧୦୫ କୋଟି ଟଙ୍କା ମଧ ହସ୍ତାନ୍ତର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲକ୍ଷାଧିକ ମହିଳା ଉପସ୍ଥିତ ଥିଲେ ଓ ପ୍ରଧାନମନ୍ତ୍ରୀ ସେମାନଙ୍କ ସହିତ ସଂବାଦ କରିଥିଲେ, ଏବଂ ଏହି ସମୟରେ ସେ ଅନେକଥର ଭାବୁକ ହୋଇପଡ଼ିଥିଲେ।

ସେ ତାଙ୍କର ଉଦ୍‌ବୋଧନ ଆରମ୍ଭ କରି କହିଥିଲେ ଯେ, 'ବିହାରର ମାଟି ହେଉଛି ମାତୃଶକ୍ତିର ପୂଜା କରାଯାଉଥିବା ଧରିତ୍ରୀ। ଏଠି ଛଟ୍ ମହାପର୍ବ ଓ ସତବହିନୀ ପୂଜା ପରମ୍ପରା ନାରୀ ସମ୍ମାନର ପ୍ରତୀକ। ଏମିତି ପବିତ୍ର ଭୂମିରେ କଂଗ୍ରେସ ଓ ଆରଜେଡିର ମଂଚରୁ ମୋର ସ୍ୱର୍ଗତ ମାଆଙ୍କ ବିପରୀତ ଅପମାନଜନକ ଶବ୍ଦ ବ୍ୟବହାର କରାଯାଇଛି। ଏହି କେବଳ ମୋର ମାଆଙ୍କ ଅପମାନ ନୁହେଁ, ଏହି ଦେଶର ପ୍ରତ୍ୟେକ ମାଆ, ପ୍ରତ୍ୟେକ ଭଉଣୀ, ପ୍ରତ୍ୟେକ ଝିଅଙ୍କ ଅପମାନ। ଭାରତ ମାତାର ସନ୍ତାନମାନେ ଏହା କେବେ ବରଦାସ୍ତ କରିପାରିବେ ନାହିଁ।'

### ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

ପୁରୀ,୨।୯(ମହାଭାରତ): ପୁରୀ ନୀଳାଦ୍ରି ଭକ୍ତନିବାସରେ ଆଜି ସନ୍ଧ୍ୟାରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେପ୍ଟେମ୍ବର ୭ ତାରିଖ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ ମିଳିଛି। ରାତ୍ର ୨ଟାରୁ ଫିଟିବ ଦ୍ୱାର। ୨ଟା ୪୦ରେ ମଙ୍ଗଳ ଆଳତି ବଢି ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ । ଦିନ ୧୨ଟା ୩୦ ସୁଦ୍ଧା ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବ । ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ବୈଠକ ପରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସେ କହିଛନ୍ତି ଯେ, ସେପ୍ଟେମ୍ବର ୧୫ରୁ ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବାକୁ ଥିବାରୁ ଏଥିପାଇଁ କିଭଳି ପ୍ରସ୍ତୁତି ହେବ ସେନେଇ ବୈଠକରେ ଆଲୋଚନା ହୋଇଛି । ପରୀକ୍ଷାମୂଳକ ଭାବେ ପ୍ରଥମେ ଧାଡ଼ି ଦର୍ଶନ ହେବ। ସମସ୍ତ ନିଯୋଗ ସହିତ ଏନେଇ ଆଲୋଚନା ହୋଇଛି। ଆସନ୍ତାକାଲି ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବ । ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାଁରେ ଅନଲାଇନରେ ଫେକ୍ ୱେବସାଇଟ ଖୋଲିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ପୋଲିସ ସହ ଆଲୋଚନା କରାଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୩ ତାରିଖ ଅର୍ଥାତ୍ ଆସନ୍ତାକାଲି ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ ।

## ରାଜଧାନୀରେ ପ୍ରତିଷ୍ଠା ହେବ ଡପଲର ରାଡାର ସିଷ୍ଟମ

ଭୁବନେଶ୍ୱର,୨।୯(ମହାଭାରତ): ରାଜଧାନୀରେ ଡପଲର ରାଡାର ସିଷ୍ଟମ ପ୍ରତିଷ୍ଠା ହେବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ଖୁବଶୀଘ୍ର ବାଲେଶ୍ୱର ଓ ସମ୍ବଲପୁରରେ ରାଡାର ସିଷ୍ଟମ କାର୍ଯ୍ୟକ୍ଷମ ହେବ। ବାଲେଶ୍ୱର ଓ ସମ୍ବଲପୁରରେ ଭିତ୍ତିଭୂମି କାର୍ଯ୍ୟ ସରିଛି । ଖୁବ୍ କମ୍ ଦିନରେ କାର୍ଯ୍ୟକ୍ଷମ ହେବା ନେଇ ସୂଚନା ଦେଇଛନ୍ତି ପୂଜାରୀ। ରାଡାର ସିଷ୍ଟମ କାର୍ଯ୍ୟକ୍ଷମ ହେବା ଦ୍ୱାରା ପାଣିପାଗର ନିଖୁଣ ଆକଳନ କରାଯାଇପାରିବ ।

# ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି

ଭୁବନେଶ୍ୱର,୨।୯(ମହାଭାରତ): ରାଜ୍ୟରେ ଲଗାତାର ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢିଛି । ହେଲେ ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ପାଣିପାଗ ବିଭାଗର ଆକଳନ ଅନୁସାରେ ୧ ରୁ ୫ ତାରିଖ ଲଘୁଚାପ ସୃଷ୍ଟି ହେବ । ଆଜି ସକାଳ ୫.୩୦ ରେ ବଙ୍ଗୋପ ସାଗରର ଉତ୍ତର ପଶ୍ଚିମ ଦିଗରେ ଲଘୁଚାପ ସୃଷ୍ଟି ହୋଇଛି । ଏହି କାରଣରୁ ଓଡ଼ିଶାର ୩୦ ଜିଲ୍ଲା ରେ ୪୦ରୁ ୪୫ କିମି ପବନ ସହ ବର୍ଷା ହେବ ।

ସେ କହିଛନ୍ତି ଯେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁରଓ ଦେଓଗଡ ଜିଲ୍ଲା ପାଇଁ ୱାର୍ଣ୍ଣି ଜାରି ହୋଇଥିଲା । ଅଧିକ ବର୍ଷା ପାଇଁ ମାଲକାନଗିରି, ନୟାଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର ପାଇଁ ୱାର୍ଣ୍ଣି ଥିଲା । ଆଗୁଆ ସତର୍କ ଥିଲା, ବର୍ଷା ପବନ ସବୁ ଜିଲ୍ଲା ରେ ହେଉଛି । ୮.୩୦ ସୁଦ୍ଧା ମାତ୍ର ୧୫ମିମି ବର୍ଷା ହୋଇଛି । କେନ୍ଦୁଝର ରେ ୨୧୫ ମିମି ବର୍ଷା ରେକର୍ଡ ହୋଇଛି



। ବିଭିନ୍ନ ନଦୀର ଜଳ ପତନ ବଢ଼ିବାରେ ଲାଗିଛି କିନ୍ତୁ ବିପଦ ସଂକେତ ପାରି ହୋଇନାହିଁ । ହୀରାକୁଦ ବନ୍ଧ ରେ ପାଣି ସଂରକ୍ଷଣ କରାଯାଉଛି ଗେଟ ଖୋଲା ଯାଇନାହିଁ । ମହାନଦୀ ରେ ବିପଦ ନାହିଁ । ବୁଢାବଳଙ୍ଗ ରେ ୱାର୍ଣ୍ଣି ଲେବଲ ବଢୁଛି, ଜାଲକା ରେ ବଢୁଛି । ୨ ଟି ଜିଲ୍ଲା ବାଲେଶ୍ୱର ଓ ମାଲକାନଗିରି ବ୍ୟାପକ ପ୍ରଭାବିତ ହୋଇଛି । ମାଲକାନଗିରି ରେ ବ୍ୟାପକ ବର୍ଷା ଯୋଗୁଁ ୨ ଟି ବ୍ରିଜ ଉପରେ ପାଣି ଯାଉଛି । ବାଲେଶ୍ୱର ରେ ପ୍ରଭାବିତ ହୋଇଛି । ଆଗାମୀ ୫ ତାରିଖ ପର୍ଯ୍ୟନ୍ତ ବର୍ଷା, ପବନ ହେବ । ରିଲିଫ ସେଂଟର କୁ ଆଣିବା ସ୍ଥିତି ଉପନ୍ନ ହୋଇନାହିଁ । ରିଲିଫ ପ୍ରସ୍ତୁତ ଅଛି । ଗାଁ ଛାଡି ରିଲିଫ ସେଂଟର କୁ ଆସନ୍ତୁ ସମସ୍ତ ସୁବିଧା ଦିଆଯିବ । କ୍ଷତି ଗ୍ରସ୍ତ ହେଲେ ସରକାର କ୍ଷତି ପୂରଣ ଦେବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ । ଗତକାଲି ସୁବର୍ଣ୍ଣରେଖାରେ ୨୦.୯୭ ମିମି, ବୁଢାବଳଙ୍ଗରେ ୪୩.୦୭ ମିମି ବୈତରଣୀରେ ୩୦.୬୫ ମିମି ବର୍ଷା ହୋଇଛି । ବୈତରଣୀ, ବୁଢାବଳଙ୍ଗ, ଜଳକା ଓ ଜଳ ବୃଦ୍ଧି ପାଇ ସତର୍କ ସଂକେତ ଉପରକୁ ଯିବ । ଆଜି ବର୍ଷାର ପରିମାଣ ଦେଖି ବିପଦ ସଂକେତ ଟପିବ ନା ନାହିଁ ସ୍ପଷ୍ଟ ହେବ । ହୀରାକୁଦରେ ୬୨୬.୩୧ ଫୁଟ ଜଳ ସ୍ତର ଥିବା ବେଳେ ରେଙ୍ଗାଳିରେ ୧୨୨.୭୩ ମିଟର ଜଳ ଅଛି । ବର୍ଷାର ପରିମାଣ ଦେଖି ଡ୍ୟାମ ଗେଟ ଖୋଲିବ ନା ନାହିଁ ନିଷ୍ପତି ନିଆଯିବ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି । ଅଧିକ ବର୍ଷା ଯୋଗୁଁ ବାଲେଶ୍ୱର ସହରରେ ଜଳ ବନ୍ଦୀ ସ୍ଥିତି ହୋଇଛି । କେନ୍ଦୁଝର ଘସିପୁରା ଓ ହାଟଡ଼ିହିରେ୍ଁ ଅଧିକ ବର୍ଷା ହୋଇଛି । ବର୍ଷା କମିଲେ ସ୍ଥିତି ସ୍ୱାଭାବିକ ହେବ ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ହଷ୍ଟେଲ ଛାଡ଼ ତାଡି

ଭୁବନେଶ୍ୱର,୨।୯(ମହାଭାରତ): ଉଚ୍ଚ ଶିକ୍ଷା ପାଇଁ ରାଜ୍ୟର ଅନ୍ୟତମ ଶିକ୍ଷାର ମନ୍ଦିର ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଜି ସନ୍ଧ୍ୟାରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି। ଏଠାରେ ଅଣଛାତ୍ରମାନେ ହଷ୍ଟେଲ-୧ ଗୋପବନ୍ଧୁ ଛାତ୍ରବାସର ଫାଟକରେ ତାଲା ପକାଇ ଦେଇଛନ୍ତି। ହଷ୍ଟେଲ ୱାର୍ଡେନକୁ ଭିତରକୁ ପ୍ରବେଶ କରିବା ପାଇଁ ଦେଇନଥିଲେ। ଘଟଣାସ୍ଥଳରେ ପରିସ୍ଥିତି ଉତ୍ତେଜନା ଥିବାରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ବୁଝାସୁଝା ପରେ ୱାର୍ଡେନଙ୍କୁ ଛାଡ଼ିଥିବଳେ। ଆସନ୍ତାକାଲି ସମସ୍ୟାର ସମାଧାନ ପାଇଁ ବାଟ ଫିଟିପାରେ ବୋଲି ଅନୁମାନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନଧିକୃତ ଭାବେ ହଷ୍ଟେଲ ରୁମରେ ରହୁଥିବା ଅଣଛାତ୍ରଙ୍କୁ ସେପ୍ଟେମ୍ବର ୪ ସୁଦ୍ଧା



ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବିଶ୍ୱବିଦ୍ୟାଳୟର ୱାର୍ଡେନ ଏ ସମ୍ପର୍କରେ ଗତକାଲି ଏକ ବିଜ୍ଞପ୍ତି ଜାରି କରି ଚେତାବନୀ ଦେଇଥିଲେ ଯେ, ନିର୍ଦ୍ଦେଶ ଅମାନ୍ୟ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଜ୍ଞପ୍ତିରେ କୁହାଯାଇଛି, ଅନଧିକୃତ ଭାବେ ହଷ୍ଟେଲ ରୁମରେ ରହୁଥିବା ସମସ୍ତ ଅଣଛାତ୍ରଙ୍କୁ ସେପ୍ଟେମ୍ବର ୪ ସୁଦ୍ଧା ରୁମ ଖାଲି କରନ୍ତୁ। ଅନ୍ୟଥା, କର୍ତ୍ତୃପକ୍ଷ କଠୋର ପଦକ୍ଷେପ ନେବେ। ପୁରୁଷ ହଷ୍ଟେଲ-୧,୨,୩ର ସମସ୍ତ ରୁମ ନିବନ୍ଧିତ ଛାତ୍ରମାନଙ୍କ ପାଇଁବଣ୍ଟନ ନିମନ୍ତେ ଉପଲବ୍ଧ ହେବ। କର୍ତ୍ତୃପକ୍ଷ ଛାତ୍ରମାନଙ୍କୁ ହଷ୍ଟେଲ ରୁମ୍ ଅନ୍ୟକୁ ଭଡ଼ାକୁ ନ ଦେବାକୁ ଓ ଅନଧିକୃତ ଅତିଥିଙ୍କୁ ରୁମରେ ରହିବାକୁ ଅନୁମତି ନ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାର ଉଲଙ୍ଘନ ହେଲେ ବିଦ୍ୟାର୍ଥୀ ପଞ୍ଜିକରଣ ବାତିଲ କରାଯିବ। ଏହାର ପ୍ରତିଫଳନ ଆଜି ଆକ୍ରୋଶ ଦେଖିବାକୁ ମିଳିଛି।

## ଚିଜ ପିଜ୍ଜା

ଆବଶ୍ୟକ ସାମଗ୍ରୀ: ମଇଦା , ଖାଇବା ସୋଡା, ଚିନି, ଦହି, ରିଫାଇନ ତେଲ, ଅଲିଭ ଅଏଲ, ପିଜ୍ଜା ସସ୍, କଟା ପିଆଜ, କଟା କ୍ୟାପସିକମ୍ , କଟା ଜଲପେନୋ, କପ କଟା ବ୍ଲାକ ଅଲିଭ , ମୋଜାରେଲା ଚିଜ, ଇଟାଲିୟାନ ମସଲା ଓ ଲୁଣ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ମଇଦା , ଖାଇବା ସୋଡ଼ା, ଲୁଣ ଚିନି ଓ ଦହି ଭଲ ଭାବେ ମିଶାନ୍ତୁ। ଏବେ ଏଥିରେ ଅଳ୍ପ ଅଳ୍ପ ପାଣି ଦେଇ ନରମ ହେଲା ଯାଏ ଚକଟନ୍ତୁ। ଚକଟି ସାରିବା ପରେ ଏହାକୁ ୨ ଘଣ୍ଟା ଯାଏ ଘୋଡ଼େଇ ରଖିଦିଅନ୍ତୁ। ଦୁଇ ଘଣ୍ଟା ପରେ ଏହାକୁ ପୁଣି କିଛି ସମୟ ଚକଟନ୍ତୁ। ଏବେ ଏହାକୁ ପିଜ୍ଜା ବେସ ପରି ବା ମୋଟା ରୁଟି ଭଳି ବେଲନ୍ତୁ। ବେଲି ସାରିବା ପରେ ଏଥିରେ ଛୋଟ ଛୋଟ କଣା କରନ୍ତୁ। ଏବେ ବେକିଂ ଟ୍ରେରେ ଚାରିଆଡ଼େ ଅଲିଭ ଅଏଲ ଲଗାଇ ଏବେ ପିଜ୍ଜା ବେସକୁ ରଖନ୍ତୁ ଓ ଏହା ଉପରେ ପିଜ୍ଜା ସସ ଢାଳି ଚାରିଆଡ଼େ ଖେଳାଇ ଦିଅନ୍ତୁ। ଏବେ ଏହା ଉପରେ କଟା ପିଆଜ , କ୍ୟାପସିକମ, ଜଲପେନୋ, ବ୍ଲାକ ଅଲିଭ ଏବଂ ମୋଜରାଲା , ଚିଜ ରଖନ୍ତୁ। ଏବେ ଏହା ଚାରିପାଖରେ ଅଳ୍ପ ଅଳ୍ପ ଅଲିଭ ଅଏଲ ଦେଇ ୫ ମିନିଟ ପର୍ଯ୍ୟନ୍ତ ମାଇକ୍ରୋୱେଭରେ ବସାଇଦିଅନ୍ତୁ। ୫ ମିନିଟ ପରେ କାଢି ଦେଖନ୍ତୁ ଏହା ଠିକ ଭାବେ ହୋଇଛି କି ନାହିଁ। ଯଦି ନା ତେବେ ଆଉ ଦୁଇ ମିନିଟ ଛାଡ଼ି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ଚିଜ ପିଜ୍ଜା ।



····· ପରଦା ଖବର ······

# ୧୨ରେ ମୁକ୍ତିଲାଭ କରିବ ହିର ଏକ୍ସପ୍ରେସ

କେଶ କିଙ୍ଗ, ପେଟ ସଫା, ଡ. ଅର୍ଥୋ ଆଦି ଆୟୁର୍ବେଦିକ ଉତ୍ପାଦ ପ୍ରସ୍ତୁତ କରୁଥିବା ଦିବିଶା ହର୍ବାଲ୍ସର ପ୍ରତିଷ୍ଠାତା ଓ ଏସ୍ୱିଏସ ବାୟୋଟେକ୍ ସିଇଓ ସଞ୍ଜୀବ ଜୁନେଜାଙ୍କ ଝିଅ ଦିବିତା ଜୁନେଜା ଅଭିନୀତ ପାରିବାରିକ ଫିଲ୍ମ 'ହିର ଏକ୍ସପ୍ରେସ'ର ସେପ୍ଟେମ୍ବର ୧୨ ତାରିଖରେ ମୁକ୍ତିଲାଭ କରିବା ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଟ୍ୟୁଲିପ୍ ଏଣ୍ଟରଟେନମେଣ୍ଟ ଏବଂ ଦିବ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଚଳଚ୍ଚିତ୍ରଟି ମେରିଗୋରାଉଣ୍ଡ ଷ୍ଟୁଡିଓ ଏବଂ କ୍ରିଏଟିଭଷ୍ଟ୍ରୋକ୍ସ ଗ୍ରୁପ୍ ଦ୍ୱାରା ମିଳିତ ଭାବରେ




ନିର୍ମିତ ହୋଇଛି। ଜାତୀୟ ପୁରସ୍କାର ବିଜେତା ଉମେଶ ଶୁକ୍ଲା ନିର୍ଦ୍ଦେଶନା ଦେବା ସହିତ ଫିଲ୍ମର ପ୍ରଯୋଜକ ରହିଛନ୍ତି। ତାଙ୍କ ସହିତ ଆଶିଷ ୱାଘ, ମୋହିତ ଛାବ୍ରା ଏବଂ ସଞ୍ଜୟ ଗ୍ରୋଭର ମଧ୍ୟ ପ୍ରଯୋଜନା କରିଛନ୍ତିୟ ଏହି ଫିଲ୍ମରେ ଅଭିନେତ୍ରୀ ଦିବିତା ଜୁନେଜା ଏବଂ ପ୍ରୀଣ୍ଟ କମାନି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଆଶୁତୋଷ ରାଣା, ଗୁଲଶନ ଗ୍ରୋଭର, ସଞ୍ଜୟ ମିଶ୍ର ଏବଂ ମେଘନା ମଲିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛନ୍ତି।

## ଚକ୍ଷୁର ଯତ୍ନ



ଆଳୁରେ ପାଣି ଭାଗ ରହିବା ସହ ଭିଟାମିନ ସି ଓ ପୋଟାସିୟମ ଅଧିକ ପରିମାଣରେ ଥାଏ। ଏହାକୁ ନିୟମିତ ୧୦ ରୁ ୧୫ ମିନିଟ ଲଗାଇଲେ ଆଖି ପାଇଁ ଖୁବ ଲାଭଦାୟକ ଅଟେ। ଆଖିରେ ବିଶେଷ କରି ଆଖିର ତଳ ଭାଗରେ ଗୋଲାପ ଜଳକୁ ତୁଳା ସାହାଯ୍ୟରେ ବ୍ୟବହାର କରିବା ଦ୍ୱାରା ଆଖି କୁଣ୍ଡାଇ ହେବା, ଲାଲ ହେବା ଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। କାକୁଡ଼ିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଏ। ଏହା ଆଖିର ଥକ୍କାପଣ ଦୂର କରିଥାଏ। ଆଖି ତଳର କଳା ଦାଗ ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବଢାଇଥାଏ। କାକୁଡ଼ିକୁ ଗୋଲ ଆକୃତିର ଦୁଇଫାଳ କାଟି ନିୟମତି ୧୫ ରୁ ୨୦ ମିନିଟ ଆଖି ଉପରେ ରଖନ୍ତୁ। ଆଖି ପାଇଁ ଏହା ଖୁବ ଲାଭଦାୟକ। ଲିଚୁ ଖାଇବା ପାଇଁ ଯେପରି ସ୍ୱାଦିଷ୍ଟ ଅଟେ। ସେପରି ଆଖି ପାଇଁ ମଧ୍ୟ ଲାଭଦାୟକ ଅଟେ। ଏଥିରେ ଥିବା ଆଣ୍ଟି-ଅକ୍ସାଇଡ ଆଖିର ଦାଗ ଦୂର କରିବା ସହ ଏହାର ଉଜ୍ଜ୍ୱଳତା ବଢାଇଥାଏ।ଏହାକୁ ଦୁଇଫାଳ କରି ଆଖିରେ ଲଗାଇ ୨୦ ରୁ ୩୦ ମିନିଟ ରଖିଲେ ଏହା ଆଖି ପାଇଁ ଖୁବ ଉପକାରୀ ହୋଇଥାଏ।

# ପିତୃପକ୍ଷରେ ଚନ୍ଦ୍ରଗ୍ରହଣ ; ଜାଣନ୍ତୁ କେଉଁ ରାଶି ପାଇଁ ଶୁଭ,ଅଶୁଭ

ଚଳିତ ବର୍ଷ ପିତୃପକ୍ଷ ୭ ସେପ୍ଟେମ୍ବରରୁ ଆରମ୍ଭ ହେବ। ଏହା ୨୧ ସେପ୍ଟେମ୍ବର ରବିବାରରେ ଶେଷ ହେବ । ୭ ସେପ୍ଟେମ୍ବର ଦିନ ବର୍ଷର ୨ୟ ଓ ଶେଷ ଚନ୍ଦ୍ରଗ୍ରହଣ ମଧ୍ୟ ପଡୁଛି। ଜ୍ୟୋତିଷ ଗଣନାନୁସାରେ ଚଳିତ ବର୍ଷର ପିତୃପକ୍ଷ ଖୁବ୍ ଖାସ୍ । ୭ ସେପ୍ଟେମ୍ବରରେ ଚନ୍ଦ୍ରଗ୍ରହଣ ସ୍ପର୍ଶ ସମୟ ରାତି ୯ଟା ୫୮ ମିନିଟ୍ରୁ ଆରମ୍ଭ ହୋଇ ରାତି ୧ଟା ୨୭ ମିନିଟ୍ ପର୍ଯ୍ୟନ୍ତ ରହିବ। ଚନ୍ଦ୍ରଗ୍ରହଣର ପାକ ତ୍ୟାଗ ସମୟ ସ୍ପର୍ଶ ସମୟର ୯ ଘଣ୍ଟା ପୂର୍ବରୁ ଅର୍ଥାତ ୧୨ଟା ୫୭ରେ ଆରମ୍ଭ ହେବ। ଏହି ସମୟରେ କୌଣସି ଶୁଭକାର୍ଯ୍ୟ କରନ୍ତୁ ନାହିଁ । ପୁଣି ୨୧ ସେପ୍ଟେମ୍ବରରେ ବର୍ଷର ଶେଷ



ସୂର୍ଯ୍ୟ ପରାଗ ମଧ୍ୟ ହେବ । ମାତ୍ର ଏହା ଭାରତରେ ଦୃଶ୍ୟମାନ ହେବ ନାହିଁ । ମାତ୍ର ଚନ୍ଦ୍ରଗ୍ରହଣ ଭାରତର ଅଧିକାଂଶ ସ୍ଥାନରେ ଦୃଶ୍ୟମାନ ହେବ । ଏହି ସମୟରେ ଗର୍ଭବତୀ ମହିଳା, ଶିଶୁ, ବୟସ୍କା, ରୋଗୀ ସାବଧାନତା ଅବଲମ୍ବନ କରନ୍ତୁ । ମାନ୍ୟତାନୁସାରେ ଗୋଟିଏ ପକ୍ଷରେ ୨ଟି ଗ୍ରହଣ ଓ ପରାଗ ଶୁଭଙ୍କର ନୁହେଁ । ମାତ୍ର ଗ୍ରହଙ୍କ ଚଳନ ଦୃଷ୍ଟିରୁ କିଛି ରାଶି ବ୍ୟକ୍ତି ବିଶେଷଙ୍କୁ ଅତ୍ୟନ୍ତ ଶୁଭଫଳ ପ୍ରାପ୍ତି ହେବ । ଚନ୍ଦ୍ରଗ୍ରହଣ କୁମ୍ଭ ରାଶିରେ ଲାଗିବାକୁ ଯାଉଛି । ଫଳରେ ମିଥୁନ, କର୍କଟ, ବିଛା, ଧନୁ ଓ ମୀନ ରାଶି ବ୍ୟକ୍ତି ବିଶେଷଙ୍କୁ ଅଧିକ ଲାଭ ମିଳିବ । ଗୋଟିଏ ପରେ ଗୋଟିଏ ସଫଳତା ମିଳିବା ସହ ଅଟକି ଥିବା କାମ ପୂରଣ ହେବ । କର୍ମକ୍ଷେତ୍ରରେ ସଫଳତା ସହ ବ୍ୟବସାୟରେ ଉନ୍ନତି ଓ ହଠାତ ଧନ ପ୍ରାପ୍ତି ହେବ ।

ଏହି ରାଶି ରୁହନ୍ତୁ ସାବଧାନ..

ସିଂହ- ଏହି ରାଶିର ବ୍ୟକ୍ତି ବିଶେଷ ସାବଧାନତା ଅବଲମ୍ବନ କରନ୍ତୁ । କିଛି ସମସ୍ୟା ଆସି ପାରେ। ବ୍ୟବସାୟରେ ମଧ୍ୟ ସମସ୍ୟା ଦେଖାଦେଇପାରେ ।

ତୁଳା- ଧନ ଖର୍ଚ୍ଚ ହୋଇପାରେ । ନୂଆ କାମ ଆରମ୍ଭ କରନ୍ତୁ ନାହିଁ ।

ମକର- ବିବାଦରୁ ଦୂରେଇ ରୁହନ୍ତୁ । ଭାବିଚିନ୍ତି କାର୍ଯ୍ୟ କରନ୍ତୁ ।

କୁମ୍ଭ- ଅଯଥା ଚିନ୍ତା ଦେଖାଦେଇପାରେ । କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ

# ନିଜ ଘରର ପରିବେଶକୁ ରଖନ୍ତୁ ସ୍ୱାସ୍ଥ୍ୟକର

ପ୍ରଦୂଷିତ ପରିବେଶ ଯୋଗୁ ଲୋକମାନେ ଅଧିକ ରୋଗର ଶିକାର ହେଉଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ନାନା ପ୍ରକାରର ଔଷଧ ମଧ୍ୟ ଖାଉଛନ୍ତି। ହେଲେ ଆପଣ ଜାଣିନଥିବେ ଯେ କେବଳ ବାହାରର ପ୍ରଦୂଷଣ ନୁହେଁ ବରଂ ଆପଣଙ୍କ ଘରର ଦୂଷିତ ବାତାବରଣ ବି ଆପଣଙ୍କୁ ରୋଗରେ ପକାଇପାରେ। ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ ଦେବୁ ଯାହାକୁ ଆପଣାଇ ଆପଣ ନିଜ ଘରକୁ ଏକ ସ୍ୱାସ୍ଥ୍ୟକର ବାତାବରଣ ଦେଇପାରିବେ। ଘରକୁ ସବୁଦିନ ଝାଡୁ ମାରନ୍ତୁ। ବିଶେଷ କରି ଘରର କୋଣ ଗୁଡ଼ିକୁ ଭଲଭାବେ ସଫା କରନ୍ତୁ। ପ୍ରତ୍ୟେକ ସପ୍ତାହରେ ଘର ଝାଡ ଝୁଡି କରନ୍ତୁ। କାର୍ପେଟ୍, ପରଦା, ସୋଫା କଭର ସହ ଅନ୍ୟାନ୍ୟ କଭର ଗୁଡ଼ିକୁ ସପ୍ତାହରେ ଥରେ ସଫା କରନ୍ତୁ। ପ୍ରତ୍ୟେକ ଦିନ ବେଡସିଟ୍ ବଦଳାନ୍ତୁ ଓ ତାକୁ ଧୋଇଦିଅନ୍ତୁ। ବିଶେଷ କରି ଯଦି ଆପଣଙ୍କର ଗୃହପାଳିତ ପଶୁ ଅଛି ତାକୁ ଓ ତାର ବ୍ୟବହୃତ ଜିନିଷ ଗୁଡିକୁ ମଧ୍ୟ ସଫା ରଖନ୍ତୁ। ପ୍ରତ୍ୟେକ ଦିନ ପାଣିରେ ଆଣ୍ଟିସେପ୍ଟିକ ଲିକ୍ୟୁଇଡ୍ ପକାଇ ଘରର ଚଟାଣ ସଫା କରନ୍ତୁ।



ଭବାଥରୁମ ସଫା ରଖନ୍ତୁ: ବାଥରୁମକୁ ସବୁବେଳେ ସଫା ରଖନ୍ତୁ। ବାଥରୁମରେ ଏକ ଏକ୍ସଷ୍ଟ ଫ୍ୟାନ୍ ଲଗାନ୍ତୁ। ଏହା ଦ୍ୱାରା ବାଥରୁମରେ ଦୂଷିତ ବାୟୁ ଘର ଭିତରକୁ ପ୍ରବେଶ କରିପାରିବ ନାହିଁ। ଏଥିସହ ବାଥରୁମ୍ ଭିତରେ ଅଧିକ ସମୟ ରହିଲେ ମଧ୍ୟ ଅଣନିଶ୍ୱାସୀ ଲାଗିବ ନାହିଁ।

ଭ ଘରେ ଧୂମପାନ କରନ୍ତୁ ନାହିଁ: ଧୂମପାନ ଶରୀର ପାଇଁ କେତେ ହାନିକାରକ ଏ କଥା ତ ସମସ୍ତେ ଜାଣନ୍ତି। ଆପଣ ଜାଣନ୍ତି କି ଧୂମପାନ କରୁଥିବା ବ୍ୟକ୍ତି ପାଇଁ ଏହା ଯେତେ କ୍ଷତି କରେ ଏହି ଧୂଆଁ ତାଙ୍କ ଆଖପାଖରେ ଥିବା ବ୍ୟକ୍ତିଙ୍କର ମଧ୍ୟ ସେତିକି କ୍ଷତି କରେ। ତମାଖୁର ଧୂଆଁ ଘରର ବାତାବରଣକୁ ଦୂଷିତ କରିଦିଏ। ଯାହାକି ଛୋଟପିଲାମାନଙ୍କ ପାଇଁ ବହୁତ କ୍ଷତିକାର।

ଭ ରୋଷେଇ ଘରେ ପରିବର୍ତ୍ତନ କରନ୍ତୁ: ରାନ୍ଧିବା ସମୟରେ, ରନ୍ଧନ ଧୂଆଁରୁ ମୁକ୍ତି ପାଇବା ପାଇଁ ଘରର ଝରକା ସବୁ ଖୋଲା ରଖନ୍ତୁ। ରୋଷେଇ ଘରେ ଏକଜିଷ୍ଟ ଫ୍ୟାନ୍ କିମ୍ବା ଚିମିନି ଲଗାନ୍ତୁ, ଏହା ଦୂଷିତ ବାୟୁକୁ ନିଷ୍କାସିତ କରିବ। ନିୟମିତ ରୋଷେଇ ଘରକୁ ସଫା କରନ୍ତୁ। ପରିବା ଚୋପା ଓ ଅଇଁଠାକୁ ଏଣେ ତେଣେ ନ ପକାଇ ଘୋଡ଼ଣୀ ଥିବା ଡଷ୍ଟବିନରେ ପକାନ୍ତୁ। ଆଉ ପ୍ରତ୍ୟେକ ଦିନ ଡଷ୍ଟବିନକୁ ଖାଲି କରନ୍ତୁ।

ଭ ଉକ୍ରଟ ସୁଗନ୍ଧଯୁକ୍ତ ଦ୍ରବ୍ୟରୁ ଦୂରେଇ ରୁହନ୍ତୁ: ରୁମ୍ ଫ୍ରେସନର, କୀଟନାଶକ ପ୍ରତିରୋଧକ ଯେପରିକି ମଶାଧୂପ, ଅତର, ଅତ୍ୟଧିକ ବାସ୍ନା ହେଉଥିବା ଓ ଧୂଆଁ ବାହାରୁଥିବା ଧୂପ କାଠି ଫିନାଇଲ୍ ବ୍ୟବହାର କମ୍ କରନ୍ତୁ। ଏସବୁ ଆଲର୍ଜି କରିପାରେ ଓ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିପାରେ।



ଭ ଇନଡୋର ପ୍ଲାଣ୍ଟ ରଖନ୍ତୁ: ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁକୁ ଶୁଦ୍ଧ କରିବାରେ ଇନଡୋର ପ୍ଲାଣ୍ଟଗୁଡ଼ିକର ବହୁତ ବଡ଼ ଭୂମିକା ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ଲାଣ୍ଟଗୁଡ଼ିକ ଆମ ଘର ଭିତରୁ ବେନଜେନ, ଫର୍ମାଲଡିହାଇଡ୍, ଟ୍ରାଇକ୍ଲୋରେଥାଇଲନ୍, ଜାଇଲିନ୍, ଏବଂ ଆମୋନିୟା ଭଳି ବିଶାକ୍ତ ଗ୍ୟାସକୁ ବାହାର କରି କିଛି ଘରକୁ ବିଶୁଦ୍ଧ କରେ।

# ନୀରବରେ ଆରମ୍ଭ ହୁଏ କିଡ଼ନୀ ସମସ୍ୟା

ଜଣେ ବ୍ୟକ୍ତିର ସାମଗ୍ରିକ ସ୍ୱାସ୍ଥ୍ୟରେ ବୃକକ୍ (କିଡ଼ନୀ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶରୀର ମଧ୍ୟରୁ ବର୍ଜ୍ୟବସ୍ତୁ ବାହାର କରିବା, ତରଳ ଏବଂ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବଜାୟ ରଖିବା, ରକ୍ତଚାପ ନିରୀକ୍ଷଣ କରିବା ଏବଂ ଲାଲ ରକ୍ତ କଣିକା ସୃଷ୍ଟିରେ କିଡ଼ନୀ ସହାୟତା କରିଥାଏ। କିନ୍ତୁ କିଡ଼ନୀ ଜନିତ କୌଣସି ସମସ୍ୟା ଦେଖାଦେଲେ ମଧ୍ୟ ତାହାକୁ ଅନ୍ୟାନ୍ୟ ରୋଗ ଭଳି ଆମେ ଅଣଦେଖା କରିଥାଉ। ତାହେଲେ ଆସନ୍ତୁ ଜାଣିବା କିଡ଼ନୀ ରୋଗର ପ୍ରାରମ୍ଭିକ ଲକ୍ଷଣ ସମ୍ପର୍କରେ।

୧. ନିରନ୍ତର ଥକାପଣ ଏବଂ ଦୁର୍ବଳତା:

ବୃକକ୍ ସମସ୍ୟା ଆରମ୍ଭ ହେଲେ ରକ୍ତରେ ବିଷାକ୍ତ ପଦାର୍ଥ ଜମା ହୋଇଥାଏ, ଯାହା ଶକ୍ତି ସ୍ତରକୁ ପ୍ରଭାବିତ କରେ। ଏହା ବ୍ୟତୀତ, ଯେତେବେଳେ ବୃକକ୍ ପର୍ଯ୍ୟାପ୍ତ ପରିମାଣରେ ଏରିଥ୍ରୋପୋଏଟିନ୍ ଉତ୍ପାଦନ କରିବାରେ ବିଫଳ ହୁଏ - ତାହା ରକ୍ତହୀନତା ସୃଷ୍ଟି କରିପାରେ। ଅନେକ ଦିନ ଧରି ଥକାପଣ ବା ଅଳସୁଆ ଭଳି ଲାଗିବା, ଏକାଗ୍ରତାର ଅଭାବ ଏବଂ ଅଳ୍ପ କାମ କରିବା ପରେ କ୍ଲାନ୍ତ ଅନୁଭବ କରିବା ମଧ୍ୟ କିଡ଼ନୀ ସମସ୍ୟାର କାରଣ ହୋଇପାରେ।

୨. ପରିସ୍ରା ଅଭ୍ୟାସରେ ପରିବର୍ତ୍ତନ: ବାରମ୍ବାର ପରିସ୍ରା ଲାଗିବା, ପରିସ୍ରା ରଙ୍ଗ କିମ୍ବାରେ ପରିବର୍ତ୍ତନ ସାଧାରଣତଃ ବୃକକ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ କିନ୍ତୁ ଏହାକୁ କ୍ୱଚିତ୍ ଗମ୍ଭୀରତାର ସହିତ ବିଚାର କରାଯାଏ। ରାତି ସମୟରେ ବାରମ୍ବାର ପରିସ୍ରା ଲାଗିବା, ବୁନ୍ଦା ବୁନ୍ଦା ପରିସ୍ରା ହେବା କିମ୍ବା ଫେଣଯୁକ୍ତ ପରିସ୍ରା (ଯାହା ପ୍ରୋଟିନ୍ ହ୍ରାସକୁ ସୂଚିତ କରେ), ପରିସ୍ରାରେ ରକ୍ତ ପଡିବା, କିମ୍ବା ଅତ୍ୟଧିକ ଗାଢ଼ ପରିସ୍ରା ସମ୍ଭାବ୍ୟ ବୃକକ୍ ଆଘାତର ସୂଚକୟ ଏହି ପରିବର୍ତ୍ତନଗୁଡ଼ିକ ସାମାନ୍ୟ ଲାଗୁଥିଲେ ମଧ୍ୟ ମଧ୍ୟ ଅଣଦେଖା କଲେ ବଡ଼ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥାଏ।

୩. ପାଦ, ଗୋଡ଼ କିମ୍ବା ମୁହଁରେ ଫୁଲା:

ଯଦି ବୃକକ୍ ଶରୀରରୁ ଅତିରିକ୍ତ ସୋଡିୟମ୍ ଏବଂ ତରଳ ପଦାର୍ଥ ସଫା କରିପାରିବ ନାହିଁ, ତେବେ ଏହା ଫୁଲା ସୃଷ୍ଟି କରେ ଯାହା ସହଜରେ ଦେଖାଯାଏ। ବିଶେଷକରି ଗୋଡ଼ ଏବଂ ଆଖି ଚାରିପାଖରେ ଫୁଲିବା ଜଣାପଡ଼ିଥାଏ। ରୋଗୀମାନେ ପ୍ରାୟତଃ ଦୀର୍ଘ ସମୟ ଧରି ଠିଆ ହେବା କିମ୍ବା ଖରାପ ଖାଇବାକୁ ଦାୟୀ କରନ୍ତି, କିନ୍ତୁ ଏହା ବୃକକ୍ ଜନିତ ସମସ୍ୟା ହୋଇପାରେ।

୪. କୁଣ୍ଡାଇ ହେବା କିମ୍ବା ଚର୍ମରେ ପରିବର୍ତ୍ତନ

ବୃକକ୍ ଦୁର୍ବଳତାର ଏକ କମ୍ ପରିଚିତ ଲକ୍ଷଣ ହେଉଛି ଲଗାତାର କୁଣ୍ଡାଇ ହେବା।ଏହା ରକ୍ତରେ ଥିବା କ୍ୟାଲସିୟମ୍ ଏବଂ ଫସଫରସ୍ ଭଳି ଅସନ୍ତୁଳନ ଯୋଗୁଁ ହୁଏ।

୫. ଭୋକ ହ୍ରାସ, ଧାତୁ ସ୍ୱାଦ, କିମ୍ବା ବାନ୍ତି

ବୃକକ୍ ସମସ୍ୟା ଦେଖା ଦେଲେ, ଶରୀର ୟୁରେମିକ୍ ବିଷାକ୍ତ ପଦାର୍ଥ ସଂଗ୍ରହ କରେ, ପାଟିକୁ ସ୍ୱାଦ ନ ଲାଗିବା, ଶ୍ୱାସ ଦୁର୍ଗନ୍ଧ ହେବା, ବାନ୍ତି, କିମ୍ବା ଭୋକ ହ୍ରାସ ଭଳି ପାକସ୍ଥଳୀ ଲକ୍ଷଣ ସୃଷ୍ଟି କରେ। ଏହି ଲକ୍ଷଣଗୁଡ଼ିକୁ ସାଧାରଣତଃ ପାଚନ ସମସ୍ୟା ଭାବରେ ଭୁଲ ବ୍ୟାଖ୍ୟା କରାଯାଏ।

ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ଅନୁଭବ କରୁଛନ୍ତି - ବିଶେଷକରି ମଧୁମେହ, ଉଚ୍ଚ ରକ୍ତଚାପ, ବୃକକ୍ ରୋଗର ପାରିବାରିକ ଇତିହାସ, କିମ୍ବା ଯନ୍ତ୍ରଣା ହ୍ରାସ ଔଷଧର ଦୀର୍ଘକାଳୀନ ବ୍ୟବହାର କରୁଛନ୍ତି, ତୁରନ୍ତ ବୃକକ୍ ପରୀକ୍ଷା କରନ୍ତୁ। ବୃକକ୍ ସ୍ୱାସ୍ଥ୍ୟ ବଜାୟ ରଖିବାର ରହସ୍ୟ ହେଉଛି ସଚେତନତା ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା।

# ଏନସିଇଆରଟି ଭାରତର ଶିକ୍ଷା କ୍ଷେତ୍ରର ମଜଭୁତ ସ୍ତମ୍ଭ

**ଭୁବନେଶ୍ୱର,୨୧୯ (ମହାଭାରତ):** ଏନସିଇଆରଟି ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟର ଏକ ମଜଭୁତ୍ ସ୍ତମ୍ଭ। ପ୍ରତିବଦ୍ଧତା ଏବଂ ସମର୍ପଣ ସହିତ ଲମ୍ବା ସମୟ ଧରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବାରେ ଏନସିଇଆରଟିର ବଡ ଯୋଗଦାନ ରହିଛି ସୋମବାର ନୂଆଦିଲ୍ଲୀ ଠାରେ ଏନସିଇଆରଟିର ୬୫ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ ଉଦବୋଧନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଏହି ଅବସରରେ ଶ୍ରୀ ପ୍ରଧାନ 'ଦୀକ୍ଷା ୨.୦' ସମେତ ବିଭିନ୍ନ ଶିକ୍ଷାଗତ ପଦକ୍ଷେପ ଗୁଡ଼ିକର ଉଦଘାଟନ ଏବଂ ଶୁଭାରମ୍ଭ କରିଥିଲେ। ଆଧୁନିକ ଓଡ଼ିଶାର ବିକାଶ ପାଇଁ ଅବଦାନ ଦେଇଥିବା ଏବଂ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୧୦୦ ଜଣ ମହାନ ବ୍ୟକ୍ତିତ୍ୱଙ୍କ ଜୀବନ ଏବଂ ଅବଦାନ ସମ୍ବଳିତ ଏକ ପୁସ୍ତକ 'ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ' ଉନ୍ମୋଚନ କରିଥିଲେ ଶ୍ରୀ ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଗତ ୬୪ ବର୍ଷ ମଧ୍ୟରେ ରାଷ୍ଟ୍ର ଗଠନରେ ଏନସିଇଆରଟିର ଅବଦାନ ଉପରେ ଆଲୋକପାତ କରିଥିଲେ । ଗତ ତିନି ବର୍ଷ ମଧ୍ୟରେ ଏନସିଇଆରଟି ଦ୍ୱାରା ବିକଶିତ ନୂତନ ପାଠ୍ୟକ୍ରମ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ପାଠ୍ୟପୁସ୍ତକ ଏବଂ ଅନ୍ୟାନ୍ୟ ଶିକ୍ଷାଦାନ ସାମଗ୍ରୀ, ବିଶେଷତଃ ଯାଦୁଇ ପିଟାରାର ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ଏନସିଇଆରଟିକୁ ଭାରତୀୟ ଭାଷାରେ ଶିକ୍ଷା, ଗୁଣାତ୍ମକ ଡିଜିଟାଲ୍ ବିଷୟବସ୍ତୁର ବିକାଶ , ବିଜ୍ଞାନ ଏବଂ ଗଣିତରେ ଶିକ୍ଷା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଏନସିଇଆରଟିକୁ ଏକ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦ୍ୱାରା ଦେଶର ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଲାଭବାନ ହେବ ଏବଂ ଶିକ୍ଷାଗତ ଗବେଷଣାରେ ଏନସିଇଆରଟିକୁ ବିଶ୍ୱସ୍ତରୀୟ ଲିଡର ହେବାରେ ସାହାଯ୍ୟ କରିବ ।

ଶ୍ରୀ ପ୍ରଧାନ କହିଛନ୍ତି ଆମ ଦେଶର ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରବିନ୍ଦୁରେ ଏକ ପ୍ରତୀକାତ୍ମକ ଅନୁଷ୍ଠାନ ହେଉଛି ଏନସିଇଆରଟି । ଏହା କେବଳ ଏକ ପ୍ରତିଷ୍ଠାନ ନୁହେଁ ବରଂ ଏହା ଏକ 'ଜ୍ଞାନ-କୁମ୍ଭ' । ପ୍ରତିଷ୍ଠା ଦିନଠାରୁ ଏହା ଶିକ୍ଷା ମାଧ୍ୟମରେ ବିଶେଷ ଭାବରେ ରାଷ୍ଟ୍ର ନିର୍ମାଣରେ ଏକ ଦୀର୍ଘ ଦୂରତା ଅତିକ୍ରମ କରିଛି । ଶ୍ରୀ ପ୍ରଧାନ ଏନସିଇଆରଟିକୁ ନୂଆ ଅବତାର ଭାବରେ ଅବତୀର୍ଣ୍ଣ ହେବା ତଥା ସଂସ୍କାର-ମୁଖୀ, ଟେକ୍ନୋଲୋଜି-ଚାଳିତ ଏବଂ ବିଶ୍ୱର ବେଷ୍ଟ୍ ପ୍ରାକ୍ଟିସ୍ ଉପରେ ଧ୍ୟାନ ଦେଇ ଏକ ପରିବର୍ତ୍ତନକାରୀ ନେତୃତ୍ୱ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ସେ ଆହୁରି କହିଛନ୍ତି ଯେ ଆମକୁ ୨୦୪୭ ସୁଦ୍ଧା ଏକ ସମୃଦ୍ଧ ଭାରତ ଗଠନ କରିବାକୁ ପଡିବ। ସମୃଦ୍ଧ ଭାରତର ଲକ୍ଷ୍ୟ ସେତେବେଳେ ସାକାର ହେବ ଯେତେବେଳେ ଆମେ ଆମର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାଲୋଚନାମୂଳକ ଏବଂ ସୃଜନଶୀଳ ଚିନ୍ତାଧାରା ବିକଶିତ କରିବା । 'ଅମୃତ ପିଢ଼ି'ରେ ଏନସିଇଆରଟିକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିଟିକାଲ ଥିଙ୍କିଂ ବିକଶିତ କରିବା ପାଇଁ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ପଡିବ । ଜ୍ଞାନକୁ ଦକ୍ଷତାରେ ପରିଣତ କରିବାର ଉପାୟ ମଧ୍ୟ ବାହାର କରିବାକୁ ପଡିବ । ଏନସିଇଆରଟି ଶିକ୍ଷାଗତ ସଂସ୍କାର ଆଣିବା ସହ ଶିକ୍ଷାଦାନ ଏବଂ ଶିକ୍ଷଣରେ ଏକ ଆଦର୍ଶ ପରିବର୍ତ୍ତନ ଆଣିବ। ସମୃଦ୍ଧ ଭାରତର ଲକ୍ଷ୍ୟକୁ ସାକାର କରିବାରେ ଏନସିଇଆରଟି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଜନତାଙ୍କ ସମସ୍ୟା ସହ ଜଡ଼ିତ ହୋଇ ସ୍ୱର ହୁଅ

**ଭୁବନେଶ୍ୱର,୨୧୯ (ମହାଭାରତ):** ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଆଜି ବିଜେଡ଼ି ବିଧାୟକ ତଥା ଦଳର ଉପସଭାପତି ଡ଼ ଅରୁଣ ସାହୁ ସମେତ ଅନ୍ୟାନ୍ୟ ନେତାମାନେ ରାଜ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କହିଛନ୍ତି । ନବୀନଙ୍କ ସହ ଆଲୋଚନା ପରେ ଡ. ସାହୁ କହିଛନ୍ତି ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ନେଇ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ସହ ରାଜ୍ୟବାସୀଙ୍କ ସ୍ୱର ହିସାବରେ ତୀବ୍ର ଲଢ଼େଇ କରିବ।



ଆଜି ଅପରାହ୍ନରେ ଡ଼ ସାହୁଙ୍କ ସହିତ ଦଳର ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ, ଭୃଗୁ ବକ୍ସିପାତ୍ର, ଡ଼ ଲେନିନ ମହାନ୍ତି, ପ୍ରଫୁଲ୍ଲ ସିଂ, ରଘୁନାଥ ସାହୁ, ମହମ୍ମଦ ସକିଲ, ଲୋରା ମହାପାତ୍ର ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସହ ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ଓ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନିଜକୁ ଲୋକଙ୍କ ସରକାର କହୁଥିବା ବିଜେପି କ୍ଷମତାକୁ ଆସିବା ପରଠାରୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଚାଷୀ ସାର ପାଉନଥିବା ବେଳେ ବ୍ୟାପକ କଳାବଜାରୀକୁ ପ୍ରୋତ୍ସାହନ ଦେଉଛନ୍ତି ସରକାର। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ମହିଳା ସୁରକ୍ଷାକୁ ନେଇ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହେଉଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଓଡିଆ ଅସ୍ମିତାର ନାରାଦେଇ ସରକାରକୁ ଆସିଥିବା ବିଜେପି ପ୍ରତ୍ୟେକ ଦିନ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରୁଛି। ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱର ହିସାବରେ ବିଜୁ ଜନତା ଦଳ ବିଜେପି ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବ ବୋଲି ଡ଼ ସାହୁ କହିଥିଲେ।

# ଓଡ଼ିଆ ଜାତିକୁ ସଂସ୍କୃତି ସଂପନ୍ନ କରିବାରେ ଅତିବଡ଼ୀଙ୍କ ଉତ୍ସର୍ଗୀକୃତ ପ୍ରଚେଷ୍ଟା ଅବିସ୍ମରଣୀୟ

**ଭୁବନେଶ୍ୱର,୨୧୯ (ମହାଭାରତ):** ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମଭାବନାର ବ୍ୟାପକ ପ୍ରସାର କ୍ଷେତ୍ରରେ ଜଗନ୍ନାଥ ଦାସଙ୍କ ଭୂମିକା ଅତୀବ କଲ୍ୟାଣକର ଓ ସମୟୋପଯୋଗୀ ପଦକ୍ଷେପ, ଏହା ନିଃସନ୍ଦେହ। ତେଣୁ ମହାପୁରୁଷଙ୍କ ସାଧନା, ତ୍ୟାଗ, ସଂସ୍କାର, ନିଷ୍ଠା ଓ ଜାତୀୟତାବୋଧ ଯୁଗେ ଯୁଗେ ଓଡ଼ିଆ ଜାତି ପ୍ରତି ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ଆମନ୍ତ୍ରିତ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଞ୍ଜ କଳାମଣ୍ଡପରେ ଅବସ୍ଥିତ ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଏହାର ପରବର୍ତ୍ତୀ ସାରସ୍ୱତ ସଭା ପୂର୍ବାହ୍ନ ୧୦.୦୦ ଘଟିକାରେ ଅତିବଡ଼ୀଙ୍କ ଜନ୍ମପୀଠ କପିଳେଶ୍ୱରପୁର ଶାସନ ଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାମୁଖ୍ୟରେ ଆୟୋଜିତ ହୋଇଥିଲା। ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ୍ ପାତ୍ର ଉଦ୍‌ଘାଟକ ଭାବେ ଯୋଗଦାନ କରି ଓଡ଼ିଆ ଜାତିର ପ୍ରାତଃସ୍ମରଣୀୟ ସିଦ୍ଧସାଧକ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହକୁ ପାରମ୍ପରିକ ଭାବେ ଉଦ୍‌ଘାଟିତ କରିବା ସହ ସିଦ୍ଧସାଧକଙ୍କ କୃତି ଓ କୃତିତ୍ୱ ଉପରେ ଆଲୋଚନା କରିଥିଲେ। ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି କପିଳେଶ୍ୱରପୁର ଶାସନ ଠାରେ ଆୟୋଜିତ ଅତିବଡ଼ୀଙ୍କ ବହୁମୁଖୀ ପ୍ରତିଭା କିପରି ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବାରେ ସହାୟକ ହୋଇପାରିଥିଲା ଏବଂ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କପିଳେଶ୍ୱରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ବବିତା ବରାଳ, ସମିତି ସଭ୍ୟା ଶ୍ରୀମତୀ ଗୋଲାପ ସ୍ୱାଇଁ, ସଭାପତି ବୀରବର ଦାଶ ଏବଂ ଅତିବଡ଼ୀ ଜଗନ୍ନାଥ ଦାସ ମେମୋରିଆଲ୍ ଟ୍ରଷ୍ଟବୋର୍ଡର ସଭାପତି ସୁରେନ୍ଦ୍ର ଦାଶ ଯୋଗଦାନ କରି ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ଏଠାରେ ପାଳନ କରାଯାଉଥିବାରୁ ରାଜ୍ୟ ସରକାରଙ୍କୁ ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ କରିବା ସହ ସିଦ୍ଧସାଧକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର ଅଂଶୁମାନ କର ଏବଂ ଅନ୍ୟତମ ଗବେଷକ ଡକ୍ଟର ହେମନ୍ତ କୁମାର ଛୋଟରାୟ ଯଥାକ୍ରମେ ମୁଖ୍ୟବକ୍ତା ଓ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ।

# ନୂଆ ଭୁବନେଶ୍ୱରକୁ ନେଇ ବଢୁଛି ଉତ୍କଣ୍ଠା

**ଭୁବନେଶ୍ୱର,୨୧୯ (ମହାଭାରତ):** ନୂଆ ଭୁବନେଶ୍ୱର ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନୂଆ ଭୁବନେଶ୍ୱର ନେଇ ବଢିଛି ଉତ୍କଣ୍ଠା। ୮୦୦ ଏକର ଜାଗାରେ ହେବ ନୂଆ ଭୁବନେଶ୍ୱର। ମଳିପଡା, ଦାସପୁର, ଅନ୍ଧାରୁଆ, ଗୋଠପଟଣା ଭଳି ଅଞ୍ଚଳକୁ ନେଇ ନୂଆ ସହର ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଏହାର ଡ୍ରଇଂଗ ଏବଂ ଡିଜାଇନ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି। ଦୋଲେରା ଗିଫ୍ଟ ସିଟି ଢାଞ୍ଚାରେ ଏହାର ନିର୍ମାଣ ହେବା ନେଇ ଚିନ୍ତା କରାଯାଉଛି। ନୂଆ ସହରରେ ଆଇଟି ପାର୍କ, ମେଡିକାଲ ସୁବିଧା, ଲୋକ ରହିବା ପାଇଁ ଘର, ବ୍ୟବସାୟୀକ ପ୍ରତିଷ୍ଠାନ, ପେଡେଷ୍ଟ୍ରିୟାନଙ୍କ ପାଇଁ ଚାଲିବା ବ୍ୟବସ୍ଥା, ଓପନ ସ୍ପେସ, ଅର୍ଥନୀତିକ ଆକ୍ଟିଭିଟି ରହିବା ସହ ନନ ପୋଲୁଟିଂ ହବ ରହିବା ନେଇ ବ୍ୟବସ୍ଥା ହୋଇଛି । ନୂଆ ସହର ମଧ୍ୟରେ ଶିଳ୍ପ ସଂସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହାର ଡିପିଆର ସିଙ୍ଗାପୁର ସରକାର ବନାଉଥିବା ବେଳେ, ଆବଶ୍ୟକ ଅର୍ଥ ମଧ୍ୟରେ ସେମାନଙ୍କୁ ଦିଆଯାଇଛି । ଆସନ୍ତା ଏକ ମାସରୁ ଦୁଇ ମାସ ଭିତରେ ରାଜ୍ୟ ସରକାରଙ୍କୁ ଡିପିଆର ଦେବ ସିଙ୍ଗାପୁର। ସହର ବୃଦ୍ଧି ସହ ସହରକୁ ରି-ଡେଭଲପମେଣ୍ଟ ମଧ୍ୟ କରିବାକୁ ଆମେ ଯୋଜନା କରୁଛୁ ବୋଲି ମନ୍ତ୍ରୀ କହିଛନ୍ତି।



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ, ଏକାମ୍ର ଭୁବନେଶ୍ୱରର ବିଧାୟକ ଶ୍ରୀ ବାବୁ ସିଂ, ବିଡିଏ ଉପାଧ୍ୟକ୍ଷ ଡା.ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ବିଡିଏ କର୍ମଚାରୀ ଇଉନାଇଟେଡ୍ ଫୋରମର ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ତ୍ରୀ ଶ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନଜରରେ ରଖି ସହରୀ ଯୋଜନାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତରିତ କରିବାର ସ୍ୱପ୍ନ ସହିତ, ସହରର ଅଭିବୃଦ୍ଧି, ରାଜଧାନୀରେ ନିଜର ସ୍ୱପ୍ନର ଘର ଗଢ଼ିବା ପାଇଁ ଚାହୁଁଥିବା ଲୋକଙ୍କ ସ୍ୱପ୍ନକୁ ସଫଳ କରିବା ଦିଗରେ ବିଡିଏର ପ୍ରତିବଦ୍ଧତା ବିଷୟରେ ସେ କହିଥିଲେ। ପରିବେଶର ସବୁଜିମା ସଂରକ୍ଷଣ ଏବଂ ସ୍ୱେରେଜ୍ ତଥା ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନୟନ ଆଣିବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ମେୟର ଶ୍ରୀମତୀ ସୁଲୋଚନା ଦାସ ଭୁବନେଶ୍ୱରକୁ ସମସ୍ତଙ୍କ ପାଇଁ ଉପଯୁକ୍ତ ସହରରେ ଗଢ଼ିବାରେ ବିଡିଏର ମୁଖ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ଏକାମ୍ର ବିଧାୟକ ବାବୁ ସିଂହ ବିଡିଏକୁ କହିଥିଲେ।

# ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟିର ଏକାଦଶ ସଂସ୍କରଣ

**ଭୁବନେଶ୍ୱର,୨୧୯ (ମହାଭାରତ):** ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି (ଆଇଏଏନ୍)ର ଏକାଦଶ ସଂସ୍କରଣ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେ, ଭାରତରେ ଅବସ୍ଥାପିତ ରୁଆଣ୍ଡା ଉଚ୍ଚାୟୁକ୍ତ ଜାକଲିନ୍ ମୁକାଙ୍ଗିରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏମ୍ ଏମ୍ ଦାସ, ଜଷ୍ଟିସ୍ ବି ପି ଦାସ, ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ, ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର, ଓଡ଼ିଶାର ପୂର୍ବତନ ମହାଅଧିବକ୍ତା ଅଶୋକ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଓ ଜଷ୍ଟିସ୍ ଏନ୍ ସନ୍ତୋଷ ହେଗଡ଼େ ଭର୍ଚୁଆଲ୍‌ରେ ଯୋଗଦେଇଥିଲେ। ଡ. ବି. ଆର୍ ଆମ୍ବେଦକର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଘଣ୍ଟ ଚକ୍ରପାଣି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପି ଶେଷାଦ୍ରି, ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ସମ୍ପାଦକ ଅଶୋକ ଶ୍ରୀବାସ୍ତବ, ଦକ୍ଷିଣ ଭାରତର ପ୍ରକାଶକ ଦେବେନ୍ଦ୍ର ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ କୁଲସ୍ତେ କହିଲେ, ନାନା ବାଧାବିଘ୍ନ ସତ୍ତ୍ୱେ ଅଚ୍ୟୁତ ସାମନ୍ତ ସମାଜର ଅବହେଳିତ ବର୍ଗ ବିଶେଷ କରି ଜନଜାତିଙ୍କ ବିକାଶ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ଏହା ତାଙ୍କର ସକରାତ୍ମକ ମନୋଭାବର ପରିଚାୟକ ବୋଲି ସେ କହିଥିଲେ।

ସାପ୍ତାହିକ ଦି ଅର୍ଗାନାଇଜରର ସମ୍ପାଦକ ପ୍ରଫୁଲ୍ଲ କେଟ୍‌କର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ବିଶ୍ୱକୁ ସକରାତ୍ମକତାର ଦାନ ହେଉଛି ଭାରତ। ଭିନ୍ନତା ମଧ୍ୟରେ ଐକ୍ୟତା ହେଉଛି ଭାରତର ସକାରତ୍ମକତାର ବୈଶିଷ୍ଟ୍ୟ। ସକରାତ୍ମତାର ମୂଳ ଆଧାର ହେଉଛି ଭାରତ। ଏହାକୁ ବଜାୟ ରଖିବା ପାଇଁ ସମସ୍ତ ଭାରତୀୟ ପ୍ରୟାସ ଜାରି ରହିବା ଉଚିତ ବୋଲି ସେ କହିଥିଲେ।

ଶ୍ରୀମତୀ ମୁକାଙ୍ଗିରା କହିଲେ, ବ୍ୟକ୍ତି ସମ୍ମାନ, ସୁରକ୍ଷା ଦିଗରେ ଅହିଂସା ହେଉଛି ସର୍ବୋତ୍ତମ ମାର୍ଗ। ଆମେ ମହାତ୍ମା ଗାନ୍ଧୀଙ୍କଠାରୁ ଏହି ଅହିଂସା ନୀତି ଶିକ୍ଷା କରିଛୁ। ନକରାତ୍ମକତା କିଛି ନୂଆ କଥା ନୁହେଁ ବୋଲି ଜଷ୍ଟିସ୍ ପୂଜାରୀ କହିଥିଲେ। ମହାଭାରତ ସମୟରୁ ନକରାତ୍ମକତା ରହିଆସିଛି। ତେବେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏହି ଚ୍ୟାଲେଞ୍ଜକୁ ଆମେ ସାହସିକତାର ସହ ସାମନା କରିବା ଉଚିତ ବୋଲି ସେ କହିଥିଲେ। ଜଷ୍ଟିସ୍ ଏମ୍ ଏମ୍ ଦାସ ନିଜ ବକ୍ତବ୍ୟରେ ସାମାଜିକ ଗଣମାଧ୍ୟମ ନକରାତ୍ମତା ଧାରାକୁ ବଢ଼ାଉଛି ବୋଲି କହିଥିଲେ। ଏ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମର ଅପବ୍ୟବହାର ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ନକରାତ୍ମକ ଶକ୍ତି ବିରୋଧରେ ସମସ୍ତେ ଦୃଢ଼ତାର ସହ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜଷ୍ଟିସ୍ ବି ପି ଦାସ କହିଲେ, ଆମେ ନକରାତ୍ମକତା ଭଳି ଛୋଟ ଚିନ୍ତାଧାରାକୁ ଗୁରୁତ୍ୱ ଦେବା ଉଚିତ ନୁହେଁ ଏବଂ ସମସ୍ତେ ଏକାଠି ହୋଇ ରାଷ୍ଟ୍ରଗଠନ ଦିଗରେ କାର୍ଯ୍ୟ କରିବା ଉଚିତ। ଜଷ୍ଟିସ୍ ହେଗଡ଼େ ଡ. ସାମନ୍ତଙ୍କ ଏହି ପ୍ରୟାସକୁ ପ୍ରଶଂସା କରି କହିଲେ, ଜନଜାତିଙ୍କ ଉତ୍ଥାନ ଦିଗରେ ଶ୍ରୀ ସାମନ୍ତ ଅବିରତ କାର୍ଯ୍ୟ କରିବା ହେଉଛି ସକରାତ୍ମକତାକୁ ପ୍ରୋତ୍ସାହିତ କରିବା। ବର୍ତ୍ତମାନ ସମୟରେ ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟିକୁ ସମଗ୍ର ଦେଶରେ ଏକ ଆନ୍ଦୋଳନ ଭାବେ ଗଢି ତୋଳିବାର ଆବଶ୍ୟକତା ଅଛି ବୋଲି ଜଷ୍ଟିସ୍ ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ନକରାତ୍ମକତା ଦୂର ପାଇଁ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବାକୁ ସେ କହିଥିଲେ। ନକରାତ୍ମକତା ଯୋଗୁଁ ସମାଜରେ ସମନ୍ୱୟ ବାଧାପ୍ରାପ୍ତ ହେଉଛି। ତେଣୁ ଭାରତ ସାମାଜିକ ଗଣମାଧ୍ୟମ ଏବଂ ବାହାରେ ନକରାତ୍ମକତା ବିରୋଧରେ ଏକ ଅଭିଯାନ ଚଳାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

# ଇଲେକ୍ଟ୍ରୋ ଷ୍ଟିଲ୍ ଜଳ ସେବକ ସମ୍ମାନ

**ଭୁବନେଶ୍ୱର,୨୧୯ (ମହାଭାରତ):** ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଏକ ଅଗ୍ରଣୀ ଜଳ ଭିତିଭୂମି ସମାଧାନ ପ୍ରଦାନକାରୀ, ଇଲେକ୍ଟ୍ରୋ ଷ୍ଟିଲ୍ କାଷ୍ଟିଂ ଲିମିଟେଡ୍ ପକ୍ଷରୁ ବହୁ ପ୍ରତୀକ୍ଷିତ ପୁରସ୍କାର ସମାରୋହର ତୃତୀୟ ସଂସ୍କରଣ, ଇଲେକ୍ଟ୍ରୋ ଷ୍ଟିଲ୍ ଜଳ ସେବକ ସମ୍ମାନ-୨୦୨୫ ଆୟୋଜିତ ହୋଇଥିଲା। ଏହି ପୁରସ୍କାର ଜଳ ସଂରକ୍ଷଣ କ୍ଷେତ୍ରରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଥିବା ବ୍ୟକ୍ତି ଏବଂ ଅନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ଦେଇଛି। ଜଳ ସେବକ ସମ୍ମାନ-୨୦୨୫ ସମଗ୍ର ଭାରତରେ ଜଳ ସଂରକ୍ଷଣ, ସ୍ଥାୟୀତ୍ୱ ଏବଂ ସମାନ ଜଳ ପ୍ରବେଶରେ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିବା ନାୟକମାନଙ୍କୁ ସ୍ୱୀକୃତି ଦେବାର ମନୋଭାବକୁ ବଜାୟ ରଖିଛି।

ଏହି ଚମତ୍କାର ପୁରସ୍କାର ସମାରୋହରେ ନ୍ୟାୟମୂର୍ତ୍ତି ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଏବଂ ଜାତୀୟ ପରିବର୍ତ୍ତନ କମିଶନର ଅଧ୍ୟକ୍ଷ କେ.ଜି. ବାଲକ୍ରିଷ୍ଣନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ, କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ପି.ଏମ୍. ପ୍ରସାଦ ଏବଂ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ନିର୍ଦ୍ଦେଶକ ଡକ୍ଟର ଧୃତି ବାନାର୍ଜୀ ସମ୍ମାନିତ ଅତିଥି ଭାବରେ ଏବଂ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ଜାତୀୟ ଜଳ ମିଶନର ନିର୍ଦ୍ଦେଶକ ନେଲାପତଲା ଅଶୋକ ବାବୁ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ମହାସମାବେଶରେ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି, ଶିଳ୍ପ ନେତା, ପରିବେଶ ପ୍ରବକ୍ତା ଏବଂ ସମ୍ପ୍ରଦାୟ ଚାମ୍ପିଅନମାନେ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ବର୍ଗରେ, ଜଳ ସେବକ ସମ୍ମାନ ୨୦୨୫ ପଶ୍ଚିମବଙ୍ଗର ଶ୍ରୀମତୀ ଲୀଳାବତୀ ମହାତାଙ୍କୁ ଝାଡ଼ଗ୍ରାମରେ ତାଙ୍କର ଅକ୍ଳାନ୍ତ ତୃଣମୂଳସ୍ତରୀୟ ପଦକ୍ଷେପ ପାଇଁ ପୁରସ୍କୃତ କରାଯାଇଥିଲା। ଅଗ୍ରଣୀ ପ୍ରୟାସ ପାଇଁ ବିହାରର ଆପକା ଆଂଚଲଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

# ଏନଏସି ଘୋଷଣାରେ ସରକାରଙ୍କ ପାତର ଅନ୍ତର

**ଭୁବନେଶ୍ୱର,୨୧୯ (ମହାଭାରତ):** ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୧୬ ନୂଆ ଏନଏସି ଓ ୭ଟି ମ୍ୟୁନିସିପାଲିଟି ଭାବେ ଘୋଷଣା କରାଯାଇଥିବା ବେଳେ, ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନଏସି ମଧ୍ୟରୁ ୩୯ଟି ଅଂଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ ବୋଲି ବିଜୁ ଜନତା ଦଳ କହିଛି । ବିଜେଡି ସରକାରଙ୍କ ଦ୍ୱାରା ଏନଏସି ଭାବେ ଘୋଷିତ ହୋଇଥିବା ଅଂଚଳ ଗୁଡିକୁ ପାତର ଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଉଛନ୍ତି ।ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ପାତର ଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଦେବୀ ପ୍ରସାଦ ମିଶ୍ର କହିଥିଲେ, ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ, ୨୦୨୪ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ଅଂଚଳକୁ ଏନଏସି ଘୋଷଣା କରାଯାଇଥିଲା । ପୌର ଅଧିନିୟମ ୧୯୫୦ ଅନୁଯାୟୀ, ପ୍ରଥମେ ଘୋଷଣାନାମା ହୋଇଥାଏ ଓ ପରେ ଏହା ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ଅଣାଯାଇ ଗେଜେଟ ନୋଟିଫିକେସନ କରାଯାଏ । ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହିତ ଜିଲ୍ଲାପାଳ ମାନଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା । କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଂଚଳ ଗୁଡିକ ମଧ୍ୟରୁ କିଛି ଅଂଚଳକୁ ପୁନଃ ଘୋଷଣା କରୁଛନ୍ତି ଓ କିଛି ନୂତନ ଅଂଚଳକୁ ଏଥିରେ ସାମିଲ କରିଛନ୍ତି । ରାଜ୍ୟରେ ବିଜେପି ସରକାରଙ୍କର ୧୫ ମାସ ବିତି ଯାଇଥିଲେ ମଧ୍ୟ, ଗୋଟିଏ ବି ଅଂଚଳ ପାଇଁ ଗେଜେଟ ନୋଟିଫିକେସନ ହୋଇପାରି ନାହିଁ । ଶ୍ରୀ ଜେନା କହିଥିଲେ, ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଂଚଳ ଗୁଡ଼ିକୁ ରାଜ୍ୟ ସରକାର ପୁଣିଥରେ ଘୋଷଣା କରିବା ଓ ଏଥିରେ ପାତର ଅନ୍ତର କରି ଅଧିକାଂଶ ଘୋଷିତ ଅଂଚଳକୁ ସାମିଲ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

# ସମ୍ ହସ୍ପିଟାଲ ପକ୍ଷରୁ ଆଇଏନ୍‌ଏସ୍ ସ୍କିଲାଥନ

**ଭୁବନେଶ୍ୱର,୨୧୯ (ମହାଭାରତ):** ଗୁଣାତ୍ମକ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ନର୍ସିଂ ସେବାକୁ ଅଧିକ ଦକ୍ଷ କରିବା ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଦୁଇ ଦିନିଆ କର୍ମଶାଳା 'ଆଇଏନ୍‌ଏସ୍ ସ୍କିଲାଥନ-୨୦୨୫' ଆୟୋଜିତ ହୋଇଯାଇଛି।

ଇନ୍‌ଫ୍ୟୁଜନ୍ ନର୍ସେସ ସୋସାଇଟି – ଇଣ୍ଡିଆର ଓଡ଼ିଶା ଶାଖା ପକ୍ଷରୁ ଅଗଷ୍ଟ ୨୯ ଓ ୩୦ ତାରିଖରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡକ୍ଟର ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନର୍ସିଂ ସେବାର ଅତ୍ୟାଧୁନିକ କାର୍ଯ୍ୟଧାରା ଉପରେ ଗୁରୁତ୍ୱ ଦେଇଥିଲେ। ଉନ୍ନତ ମାନର ସେବା ଯୋଗାଇ ଦେଲେ ହିଁ ରୋଗୀଟି ତୁରନ୍ତ ସୁସ୍ଥ ହୋଇପାରେ। ତେଣୁ ନର୍ସମାନେ ଏ ଦିଗରେ ଅଧିକ ସଚେତନ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ରାଜ୍ୟ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟିର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବିଷ୍ଣୁ ପ୍ରସାଦ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ରୋଗୀ ସେବା କ୍ଷେତ୍ରରେ ଡାକ୍ତରମାନଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାରେ ନର୍ସମାନଙ୍କର ଯଥେଷ୍ଟ ଭୂମିକା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିରବତା ଓ ସ୍ମିତ ହାସ୍ୟ ରୋଗୀର କଷ୍ଟକୁ ଅନେକ ମାତ୍ରାରେ ଲାଘବ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠି, ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ଏବଂ କେୟାର ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ସୁଦେଷ୍ଣା ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ନର୍ସିଂ ସମ୍ପର୍କିତ ବିଭିନ୍ନ ଉନ୍ନତ ମାନର ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା।



# ନିରପେକ୍ଷ ନିର୍ବାଚନ

ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ନିହାତି ଜରୁରୀ। ଏଥିପାଇଁ ପ୍ରାଥମିକ ଆବଶ୍ୟକତା ହେଲା ଏକ ସଠିକ ଭୋଟର ପରିଚୟପତ୍ର। ନଚେତ ନିର୍ବାଚନରେ ସଠିକ ଜନମତ ପ୍ରତିଫଳିତ ହେବ ନାହିଁ। ଏଥିପାଇଁ ଭାରତର ନିର୍ବାଚନ କମିଶନର ନିୟମିତ ଭୋଟର ତାଲିକା ସଂଶୋଧନ କରି ଆସୁଛନ୍ତି। ଏବେ ବିହାରରେ ନିର୍ବାଚନ କମିଶନରଙ୍କ ପକ୍ଷରୁ ସ୍ୱତନ୍ତ୍ର ତ୍ୱରିତ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଚାଲିଛି। କିନ୍ତୁ ବିରୋଧୀ ଏହାକୁ ପ୍ରବଳ ବିରୋଧ କରୁଛନ୍ତି। ସଂସଦ ଭିତରେ ଏହାକୁ ନେଇ ହଙ୍ଗାମା ଚାଲିଛି। ବାହାରେ ମଧ୍ୟ ଏହାକୁ ନେଇ ବିରୋଧୀ ରାସ୍ତାକୁ ଓହ୍ଲାଇଛନ୍ତି। ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଛି। ମାମଲାର ଶୁଣାଣୀ ବେଳେ ସୁପ୍ରିମକୋର୍ଟ ବିହାର ନିର୍ବାଚନକୁ ଆଉ ମାତ୍ର କିଛି ମାସ ବାକି ଥିବା ବେଳେ ଏତେ ତରବରିଆ ଭାବେ କାହିଁକି ଭୋଟର ତାଲିକା ସଂଶୋଧନ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ ଏସଆଇଆରକୁ ବିରୋଧ କରି ନାହାଁନ୍ତି, କେବଳ ଏହାର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଦ୍ୱିତୀୟରେ ସୁପ୍ରିମକୋର୍ଟ ଭୋଟର ପ୍ରମାଣପତ୍ର ଭାବେ ଆଧାର, ରାସନ କାର୍ଡ ଏବଂ ପୁରୁଣା ଫଯେଶ ପରିଚୟପତ୍ରକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଗ୍ରହଣୀୟ ହୋଇପାରେ। କିନ୍ତୁ ମନେ ରକିବାକୁ ପଡ଼ିବ ଯେ, ଆଧାରରେ ଜାଲିଆତି ମଧ୍ୟ ହୋଇପାରେ। ଯାହା ବି ହେଉ ନିର୍ବାଚନ କମିଶନର କିନ୍ତୁ ଏସଆଇଆରକୁ ଯଥାର୍ଥ ବୋଲି କହିଛନ୍ତି ଏବଂ ଠିକ ସମୟରେ ଏହା ଶେଷ ହେବ ବୋଲି କହିଛନ୍ତି। ଏଥିରେ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେପ୍ଟେମ୍ବର ପହିଲାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଯାହାର ଆପତ୍ତି ଅଭିଯୋଗ ଥିବ ସେ ୧୫ ଦିନ ଭିତରେ ପୁନର୍ବିଚାର ଆବେଦନ କରିପାରିବ। ବିହାର ଏକ ଅତ୍ୟନ୍ତ ଜନବହୁଳ ରାଜ୍ୟ। ଏଠାରେ ଭୋଟରଙ୍କ ସଂଖ୍ୟା ୭ କୋଟିରୁ ଅଧିକ। ଏସଆଇଆର ଯୋଗୁ ରାଜ୍ୟରେ ପ୍ରାୟ ୬୫ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ କଟିଛି। ଅବଶ୍ୟ ଏହା ଅସ୍ଥାୟୀ ଏବଂ ଏଥିରେ ସଂ;ଶୋଧନ ସୁଯୋଗ ମଧ୍ୟ ରହିଛି। ତେବେ ନିର୍ବାଚନ କମିଶନଙ୍କ କହିବା କଥା ହେଲା ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ ମତଦାତା ତାଲିକାରୁ କଟିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମୃତ ବା ଅନ୍ୟ ରାଜ୍ୟ ବା ଦେଶ ବାହାରକୁ ଯାଇ ସେଠାରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି ଏବଂ ସେଠାରେ ଭୋଟର ତାଲିକାରେ ସାମିଲ ହୋଇସାରିଛନ୍ତି। ତେଣୁ ବିହାରରେ ଭୋଟର ତାଲିକାରୁ ସେମାନଙ୍କ ନାମ କଟିବାର ଯଥାର୍ଥତା ରହିଛି। ସେହିପରି ବିହାରରେ କିଛି ବିଦେଶୀ ନାଗରିକ ଯଥା ନେପାଳ, ବାଂଲାଦେଶ ଏବଂ ମିଆଁମାରର ନାଗରିକ ଭୋଟର ତାଲିକାରେ ସ୍ଥାନ ପାଇଥିଲେ। ସେମାନଙ୍କୁ ମଧ୍ୟ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଆଉ କିଛି ଲୋକଙ୍କ ପତ୍ତା ନାହିଁ। ଅନେକପ ଲୋକଙ୍କର ଦୁଇ ବା ଅଧିକ ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାରେ ନାମ ରହିଛି। ସେମାନଙ୍କ ନାମ ଗୋଟିଏ ଆସନକୁ ଛାଡ଼ି ବାକି ସବୁ ଆସନର ଭୋଟର ତାଲିକାରୁ କଟିବା ଉଚିତ। ଏହାକୁ ବିରୋଧ କରିବା ଅର୍ଥହୀନ ଏବଂ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ବୋଲି କୁହାଯାଇପାରିବ। କିନ୍ତୁ ବିରୋଧୀ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ କମିଶନ କେବଳ ବିଜେପିକୁ ସହାୟତା ନିମନ୍ତେ ଏସଆଇଆର କରୁଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧି ଏହାକୁ ବିରୋଧ କରି ବିହାରରେ ଭୋଟର ଅଧିକାର ସୁରକ୍ଷା ଯାତ୍ରା ଆରମ୍ଭ କରିଛନ୍ତି। ରାହୁଲ କହିଛନ୍ତି ଯେ, କଂଗ୍ରେସର ପାରମ୍ପରିକ ସମର୍ଥକ ଦଳିତ ଏବଂ ସଂଖ୍ୟାଲଘୁମାନଙ୍କୁ ଜାଣିଶୁଣି ଭୋଟର ତାଲିକାରୁ ବାଦ ଦିଆଯାଉଛି।

# ଜଳକଷ୍ଟ ଓ ମାନବ ସମାଜ ପାଇଁ ଜଳର ଉପଯୋଗିତା


॥ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ॥



“ ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି ।


ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢ଼ୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଂଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ। ବର୍ତ୍ତମାନର ଭୟାବହ କରୋନା ଖବର ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ। ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ତହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢ଼ୁଛି, ଜଳକ୍ଳିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସଁ ସଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ।

ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଳିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ ଦୁର୍ଭାଗ୍ୟଜନକ ଇଙ୍ଗିତ ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଳିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ । ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।


ପାରାଦ୍ୱୀପ, ଓଡ଼ିଶା
ଦୂରଭାଷ : ୯୪୩୭୦୨୨୦୬୧


# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର”– ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଂକ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ସତରେ ଘର ହିଁ ସ୍ୱର୍ଗ – ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ – ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର । ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ ନେଇ। ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ। ଏହା ହିଁ ହେଉଛି ଆର୍ଯ୍ୟସ୍ଥାନ ଭାରତବର୍ଷର ବିଶେଷତ୍ୱ। ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ । ଘର ହିଁ ଦେବତାଙ୍କ ନିବାସ, ଦେବାଳୟ । ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ । ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି । ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ । ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ । ଆର୍ଯ୍ୟ ଭାରତର ପରମ୍ପରାକୁ ଅବଲମ୍ବନ କରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଗୁରୁ ହିଁ ହେଉଛନ୍ତି ସଦ୍‌ଗୁରୁ, ସେ ହିଁ ପଥ ପ୍ରଦର୍ଶକ। ସେ ହିଁ ପରିବାର ଭିତରେ ସମନ୍ୱୟ ରକ୍ଷା କରନ୍ତି। ଆବାଳ ବୃଦ୍ଧ ବନିତାଙ୍କୁ ସେ ହିଁ ବୁଦ୍ଧି ଯୋଗ ପ୍ରଦାନ କରିଥାନ୍ତି। ଗୁରୁ ହିଁ ହେଉଛନ୍ତି ଜୀବନର କୀଳକେନ୍ଦ୍ର, ବସୁଧୈବ କୁଟୁମ୍ବକମ୍‌ର କେନ୍ଦ୍ରବିନ୍ଦୁ, ପ୍ରେମର ପରମାଣୁ। କଥାରେ ଅଛି – ‘ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।’ ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ ।

ଏକ ମାଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାର ସୂତା । ସମାଜରେ ଏହି ସୂତା ହେଉଛି ସଂସ୍କାର । ସଂସ୍କାର ନୈତିକ ଆଚରଣ ରଙ୍ଗରେ ରଙ୍ଗେଇ ହୋଇଥାଏ । ସମାଜରେ ଆସୁଥିବା ସବୁ ପରିବର୍ତ୍ତନ, ସଭ୍ୟତା ନାଁରେ ଆସୁଥିବା ପ୍ରଭାବ ସତ୍ତ୍ୱେ ଯଦି ସୂତାରେ ଗଣ୍ଠି ନପଡ଼େ ତାହେଲେ ଆମ ସମାଜ, ଆମ ସଭ୍ୟତାର ମାଳା ଅକ୍ଷୁର୍ଣ୍ଣ ରହିବ । ଏ କଥା ପରିବାର ସଂଖ୍ୟାରେ ବୃଦ୍ଧି, ସଦସ୍ୟମାନଙ୍କ ମଧ୍ୟରେ ତାଳମେଳର ଅଭାବ, ଚପଗ୍ରସ୍ତ ବାତାବରଣ, ଦେବାର ଭାବନା ନ ରହିବ, ନିଜ ଖୁସି ଖୋଜିବାର ଆଗ୍ରହ, ସଦସ୍ୟମାନଙ୍କ ମଧ୍ୟରେ ବାର୍ତ୍ତାଳପର ଅଭାବ, ଆଦି ନିରବରେ ଅନେକ କିଛି କରିଯାଏ । ଏହି ଛୋଟ ଛୋଟ କଥା ମଜଭୁତ ସୂତାକୁ କେତେବେଳେ ଦୁର୍ବଳ କରିଦେଉଛି ସେ କଥା ବି ଜଣାପଡ଼େନି ।

ହେଲେ ସଂଧ୍ୟା ପୂର୍ବରୁ ଦୀପ ଲଗାଇଦେଲେ ଘର ଅନ୍ଧାର ହୁଏନି । ଏବେ ବି ସମୟ ହାତରୁ ଯାଇନି, ଗୋଟିଏ ପିଢ଼ି ପର ପିଢ଼ିକୁ ସଂସ୍କାର ହସ୍ତାନ୍ତର କରିପାରିବ ଉତ୍ତରାଧିକାର ସୂତ୍ରରେ । ତା ହେଲେ କ’ଣ କରିବେ ? କ’ଣ କଲେ ପରିବାର – ସମାଜର ମାଳା ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିବ ? ଆଜିର ବ୍ୟସ୍ତ ସମୟରେ ସମୟ ନାହିଁ କାହା ପାଖରେ । ତା ଭିତରେ ବି ସମୟ କାଢ଼ିବାକୁ ହେବ ପରିବାର ପାଇଁ, ପର ପିଢ଼ି ପାଇଁ । ପ୍ରଥମେ ଏଥିପାଇଁ ବାଛନ୍ତି ଦିନଟିଏ । ପିଲାଙ୍କ ଜନ୍ମ ଦିନ ଏମିତି ଏକ ଅବସର । ପୁରା ପରିବାର ଏକାଠି ଖୁସି ମନାଏ ଏ ଦିନରେ । ତେଣୁ ସମସ୍ତଙ୍କ ସହ ମିଶି ଏକ ରୀତି ପରି ପାଳନ କରନ୍ତୁ ଏ ଦିନକୁ । ଜନ୍ମ ଦିନରେ ବଡ଼ମାନେ ଉପହାର ଓ ଆଶୀର୍ବାଦ ତ ଦିଅନ୍ତି । ହେଲେ ପ୍ରତିବର୍ଷ ପିଲାଙ୍କୁ ସଂସ୍କାରଟିଏ ମଧ ଉପହାର ଦିଅନ୍ତୁ । ବଡ଼ମାନଙ୍କୁ ସମ୍ମାନ କରିବା ହେଉ କି ସମସ୍ତଙ୍କୁ ସାହାଯ୍ୟ କରିବା ହେଉ । ସବୁବେଳେ ସତ କହିବାର ଶିକ୍ଷା ହେଉ ବା ଠିକ୍ ସମୟରେ କାମ କରିବାର ଶିକ୍ଷା । ପିଲାର ବୟସ ଅନୁଯାୟୀ ସଂସ୍କାର ବାଛି ତାକୁ ଦିଆଯାଇପାରେ । ଆପଣ ଚାହିଁଲେ ଦୁଇ-ତିନି ସଂସ୍କାର ମଧ୍ୟରୁ ଗୋଟିଏକୁ ବାଛିବା ନିମନ୍ତେ ପିଲାକୁ ବିକଳ୍ପ ଦିଅନ୍ତୁ । ଏ ସମ୍ପର୍କରେ ଜନ୍ମ ଦିନରେ କିଛିଦିନ ଆଗରୁ ପରିବାରର ବଡ଼ମାନେ ବସି ବିଚାରବିମର୍ଶ କରିନେବା ଉଚିତ । ସଂସ୍କାରର ବିଭିନ୍ନ ବିକଳ୍ପ ମଧ୍ୟରୁ ଗୋଟିକୁ ବାଛିବା ନିମନ୍ତେ ପିଲାଙ୍କୁ କୁହନ୍ତୁ । ଏହାର ଲାଭ କ’ଣ ସେ କଥା ମଧ ପିଲାଙ୍କୁ ବୁଝାଇ ଦେବା ଦରକାର ।

ପିଲାମାନେ ପ୍ରତିଜ୍ଞା ଭୁଲି ଯାଆନ୍ତି । ସଂସ୍କାର ଓ ଏହାକୁ ପାଳନ କରିବା ନିମନ୍ତେ ପ୍ରତିଶ୍ରୁତି ପିଲା ନ ଭୁଲୁ ଏହା ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ । ସେ ଭୁଲି ନଯାଉ ଏଥିପାଇଁ ସବୁ ବଡ଼ମାନେ ତାକୁ ମଝିରେ ମଝିରେ ସ୍ନେହରେ ବୁଝାଇବା ଦରକାର । କହିବାର ଶୈଳୀ ଠିକ୍ ହେଲେ ପିଲାମାନେ କଥା ମାନନ୍ତି । ଭଲ ସଂସ୍କାର ପିଲା ମନରେ ଭଲ ବିଚାର ଆଣେ । ତାକୁ ବାଟବଣା ହେବାରୁ ରୋକେ, ଜୀବନ ଜୀଇଁବାର ଉପାୟ ଶିଖାଏ । ପିଲା ପରିବାର ଓ ସମାଜକୁ ଭଲପାଇ ଏଥିପାଇଁ ପ୍ରଥମରୁ ବାପ-ମାଆ ଯତ୍ନଶୀଳ ହେବା ଦରକାର ।

ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳିଯାଉଛି । ବ୍ୟସ୍ତବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି । ପରିବାର ସହ କିଛି ମୁହୂର୍ତ୍ତ ବାଣ୍ଟିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ । ପିଲାଟିଏ ହେଉ ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଣ୍ଟିବାର ଯେଉଁ ଅନାବିଳ ମମତା ତାହା କ’ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ? ସହର ଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନେ ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢ଼େଉ, ସେଠି ଆଜି ନିସ୍ତବ୍ଧ ନିର୍ଜନତା । ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠଶାଠ ଆଉ ଚାକିରି ସବୁକିଛି ବାହାରେ, ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ । ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁ ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପଟପ୍ ଆଉ ମୋବାଇଲର ମାୟା ଭିତରେ । କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡ଼ୁଥିବା କିଛି ମଣିଷ । ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି । ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବ ଅନୁଭବ କରୁଥିଲେ । ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି । କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ‘ମାଟିର ମଣିଷ’, ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠି ନାହିଁ । ଆଉ ଏହା ହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ । ତଥାପି କିଛି ଏକାନ୍ନବର୍ତ୍ତୀ ଛୋଟ ଛୋଟ ପରିବାର ରହିଛି । ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି । ଘର ହିଁ ସ୍ୱର୍ଗ । ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ । ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ । ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ । ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ । ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ । ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି । ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା । ସେହି ବୈକୁଣ୍ଠ ସମାନ ଗୃହରୁ ଶୁଣାଯାଉଛି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱର – ‘ପିତାଙ୍କୁ ଶ୍ରଦ୍ଧା ମାଙ୍କୁ ଟାଣ, ସେହି ଶିଶୁ ହୁଏ ସାମ୍ୟପ୍ରାଣ। ମାତୃଭକ୍ତି ଅଟୁଟ ଯେତେ ସେହି ଶିଶୁ ହୁଏ କୃତୀ ସେତେ। ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ତପର ନନ୍ଦନା, ପିତୃ ପ୍ରୀତି ଟାଣି ଆଣେ ସବୁ ଦେବତାର ବନ୍ଦନା।’


ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ


# ସୁନା ପିଲା


॥ ଅନୀତା ପଟ୍ଟନାୟକ ॥


ସିଲେ ଓ ସୁଶ୍ରୀ ଦୁଇ ଭାଇ ଭଉଣୀ ଥିଲେ। ସେମାନେ ଯାଆଁଳା ହୋଇ ଥିବାରୁ ଗୋଟିଏ ଶ୍ରେଣୀରେ ପଢୁଥିଲେ। ତାଙ୍କ ଶିକ୍ଷକ ସେମାନଙ୍କୁ ଭଲ ପିଲା ହେବା ପାଇଁ ଭଲ କଥା ସବୁ ଶିଖାଉଥିଲେ। ଯଥା ଦୟା ଏକ ଭାଷା ତାହା ମୁକ କହିପାରେ ଏବଂ ବଧିର ଶୁଣିପାରେ ଏବଂ ବୁଝିପାରେ ଆତ୍ମାନନ୍ଦରେ ରହୁଥିବା ମଣିଷ କେବେ ଗରିବ ନୁହେଁ। ନିରାନନ୍ଦରେ ରହୁଥିବା ମଣିଷ କେବେ ଧନୀ ହୋଇପାରେନା। ଅଭ୍ୟାସ ମଣିଷର ଏକ ଭଲ ବନ୍ଧୁ ଓ ଶତ୍ରୁ ମଧ। ଅନୁକମ୍ପା କେବେ ବେକାର ଯାଏନାହିଁ ଯେ ପର୍ଯ୍ୟନ୍ତ ତୁମେ ତାକୁ ଛାଡ଼ି ନ ଦେଇଛ। ତୁମ ପାଖରେ କଣ ଅଛି, ଯେତେ ବଡ଼କଥା ନୁହେଁ ବରଂ ପ୍ରକୃତରେ ତୁମେ କଣ ତାହା ବଡ଼କଥା।

ବିଲେ ଓ ସୁଶ୍ରୀ ଏପରି କଥାଶୁଣି ସେମାନେ କିପରି ଭଲ ପୁଅ ଓ ଭଲ ଝିଅ ହୋଇପାରିବେ ଓ ଶିକ୍ଷକଙ୍କ ପରି ଜଣେ ଭଲ ମଣିଷ ହୋଇପାରିବେ, ଭଲ କଥା ଓ କାମ କରିପାରିବେ ସେ ବିଷୟରେ ମାଆଙ୍କ ଠାରୁ ବୁଝିବାକୁ ଚାହିଁଲେ। ବିଲେ ପଚାରିଲା ମାଆ ମୁଁ କଣ କଲେ ସମସ୍ତେ ମତେ ଭଲ ପିଲା ବୋଲି କହିବେ। ମାଆ କହିଲେ ବିଲେ ତୁମେ ଏକ ଉଦାହରଣ ନିଅ। ସଫା ସୁତୁରା ରହିବା ଭାବକୁ ଦିବ୍ୟତ୍ୱ ସହ ତୁଳନା କରାଯାଇଛି। ଅପରିଷ୍କାର ଓ ଅପରିଚ୍ଛନ୍ନ ଲୋକଙ୍କୁ କେହି ଭଲ ପାଆନ୍ତି ନାହିଁ ଏପରିକି ଭଗବାନ ମଧ। ତୁମର ପରିଷ୍କାର ପରିଚ୍ଛନ୍ନତା ତୁମର ନଖକୁ ଦେଖିଲେ ଜଣାପଡ଼ିବ। ନଖ ଭିତରେ ଜୀବାଣୁ ରହିଯାଆନ୍ତି ତେଣୁ ଆମେ ବଡ଼ ବଡ଼ ନଖ ରଖିବା ଉଚିତ ନୁହେଁ। ପ୍ରତି ସପ୍ତାହରେ ଆମେ ନଖକୁ କାଟି ଦେବା ଉଚିତ। ଏହାଦ୍ୱାରା ଆମେ ଅନେକ ରୋଗରୁ ମୁକ୍ତି ପାଇ ପାରିବା ଓ ହାତ ସଫା ରହିବ। ବିଲେ କହିଲା ମୋ ନଖ ବଡ଼ନୁହେଁ କିନ୍ତୁ ସୁଶ୍ରୀ ତାର ସାଙ୍ଗ ମାନଙ୍କ ଠାରୁ ଦେଖି ତାର ନଖ ବଢ଼ାଉଛି। ମାଆଙ୍କୁ ସୁଶ୍ରୀ କହିଲା କାଲି ତୁମେ ଦୟା କରି ମୋର ନଖ ଗୁଡ଼ିକୁ କାଟିଦେବ। ନଖ ବଢ଼ାଇବା କେବେ ସୌନ୍ଦର୍ଯ୍ୟର କାରଣ ହୋଇନପାରେ। ମୁଁ ଜୀବଜନ୍ତୁ ବା ବାଘୁଣୀ ହେବାକୁ ଚାହୁଁନି। ମୁଁ ଭଲ ଝିଅ ହେବାକୁ ଚାହୁଁଛି। ହେଲେ ତୁମର ମୋ ପାଇଁ ଉପଦେଶ କ’ଣ? ମା କହିଲେ ବର୍ତ୍ତମାନ ଯୁଗରେ ଟେଲିଭିଜନ ଓ ମୋବାଇଲ ଫୋନ ସମସ୍ତଙ୍କର ଭଲ ସାଙ୍ଗ ହୋଇଉଠିଛି। ତୁମେ ଭଲ ପୋଗ୍ରାମ ଦେଖି ପାରିବ। ଯଦି ଜାଣି ନପାରୁଛ ତେବେ ବାପା ମାଆଙ୍କୁ ପଚାରି ବୁଝିପାର କେଉଁ ଗୁଡ଼ିକ ତୁମର ଦରକାର। ଟେଲିଭିଜନ ଓ ମୋବାଇଲ ଫୋନକୁ ଆଖି ପାଖରେ ଲଗାଇ ଦେଖନାହିଁ ତାହା ତୁମର ଆଖି ଓ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇବ। ଏପରି କଲେ ତୁମକୁ ସମସ୍ତେ ଭଲ ଝିଅ ବୋଲି କହିବେ। ବିଲେ କହିଲା ମୁଁ କଣ କଲେ ବାପା ଓ ତୁମେ ମତେ ଭଲ ପିଲା ବୋଲି କହିବ? ମାଆ କହିଲେ ତୋର ପଢ଼ାଘର, ଘର ଓ ପରିବେଶକୁ ତୁ ସଫା ରଖିବୁ ତତେ ସମସ୍ତେ ଭଲ ପିଲା କହିବେ। ଏହାର ଏକ ସୁନ୍ଦର ଉପାୟ ଅଛି। ଘରେ ରଖାଯାଇଥିବା ଜିନିଷକୁ ଏପଟ ସେପଟ କରନାହିଁ ଯାହା ଯେଉଁ ଜାଗାରେ ଅଛି ସେଠାରେ ରହିବାକୁ ଦିଅ। ବହିଥାକରୁ ବହି ଆଣି ପଢ଼ି ସାରିବା ପରେ ପୁଣି ଯଥା ସ୍ଥାନରେ ରଖିଦିଅ। ଏପରି ଅଭ୍ୟାସ ଆମେ ଘରୋଇ ବ୍ୟବହାର୍ଯ୍ୟ ଜିନିଷ ପତ୍ର ମଧ ପ୍ରଜୁଜ୍ୟ କରିବା ଉଚିତ।

ସୁଶ୍ରୀ କହିଲା ଭାଇ ତାର ବହିକୁ ଠିକ ଜାଗାରେ ରଖେନା କାଗଜ କାଟି ଘର ସାରା ଏଣେ ତେଣେ ଫିଙ୍ଗେ। ପଢ଼ା ଟେବୁଲକୁ ସଫା ରଖେନା। ଖାଇଲା ବେଳେ ତଳେ ଖାଇବା ପକାଇ ଦିଏ। କାଲି ବାପା ଗାଧୋଇବାକୁ ଗଲାବେଳେ ଦେଖିଲେ ଗାଧୋଇବା ଘରେ ମଗ ନାହି। ତାହା ବିଲେର ପଢ଼ା ଟେବୁଲ ଉପରେ ଥୁଆ ହୋଇଥିଲା ଓ ସେ ରଙ୍ଗ ଗୋଳାଉଥିଲା। ବିଲେ କହିଲା ମୁଁ ବୁଝିଗଲି ଆଜି ଠାରୁ ଏପରି ଭୁଲ ଆଉ କରିବି ନାହିଁ। ସୁଶ୍ରୀ କହିଲା ତୁମେ ସବୁକଥା ଭାଇକୁ କହୁଛ ସେ କିପରି ଭଲ ପିଲା ହେବ ମୋ ପାଇଁ କିଛି କୁହ। ମା କହିଲେ ହଁ ତୋ ପାଇଁ ଏକ ବଡ଼ କଥା ଭୁଲି ଯାଇଛି ତତେ କହୁଛି। ଗୋଟିଏ ଝିଅ ବଦଖର୍ଚ୍ଚି ହେବା ଉଚିତ ନୁହେଁ। ଏହା ମୁଁ କେବଳ ପଇସା ଦୃଷ୍ଟିକୋଣରୁ କହୁନାହିଁ। ଆମେ ଘରର ପାଣି କଳକୁ ମନଇଛା ଖୋଲିଦେବା ଉଚିତ ନୁହେଁ। ଏହାଦ୍ୱାରା ଆମେ ଦେଶର କ୍ଷତି କରୁଛୁ। ଜଳ ହିଁ ଜୀବନ। ତେଣୁ ଆମେ ଜଳ ସଂରକ୍ଷଣ କରିବା ଉଚିତ। ପାଣିକଳ ଖୋଲୁଥିବା ସମୟରେ ପାଣି ବ୍ୟବହାର କରି ସାରିବା ପରେ ତୁରନ୍ତ ପାଣି କଳକୁ ବନ୍ଦ କରିଦେବା ଉଚିତ। ସୁଶ୍ରୀ ତୁମେ ଅନେକ ସମୟରେ ଘରର ଲାଇଟ ଓ ପଙ୍ଖା ବନ୍ଦ କରିବାକୁ ଭୁଲି ଯାଉଛ। ଏହା ଶକ୍ତିର ଅପବ୍ୟବହାର। ଭଗବାନ ଏପରି କରୁଥିବା ଲୋକ ମାନଙ୍କୁ ଭଲ ପାଆନ୍ତି ନାହିଁ। ଆମେ ଖର୍ଚ୍ଚ କାଟ କରିବା ଉଚିତ। ଯାହା ଆମକୁ ମିଳୁଛି ତାହାକୁ ଆମେ ସଦବ୍ୟବହାର କରିବା ଉଚିତ। ଆମେ ଭଲ ବହି ପଢ଼ିବା ଓ ଭଲ କାମ କରିବା। ବେଶୀ ପଇସା ମିଳିଲେ ଆମେ ତାକୁ ସଞ୍ଚୟ କରିବା। ସଞ୍ଚୟ ଧନ ଅଧିକ ହେଲେ ଆମେ ତାକୁ ଭଲ କାମରେ ବିନିଯୋଗ କରିବା। ବାପା ଅଫିସରୁ ଫେରି ଆସି ଦେଖିଲେ, ଘରଟି ଅଲଗା ଅଲଗା ଲାଗୁଛି। ବିଲେର ବହିପତ୍ର ସଜଡ଼ା ହୋଇ ରହିଛି। ପଙ୍ଖା, ଲାଇଟ, ପାଣି ସବୁ ବନ୍ଦ ଅଛି। ଯେପରି ଶକ୍ତିର ଉପଯୁକ୍ତ ବ୍ୟବହାର ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ। ମା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ଓ ସୁସ୍ୱାଦ ଖାଦ୍ୟ ପରିଷି ଦେବାରେ ଆଜି ପିଲାମାନେ ବିରୋଧ କଲେନାହିଁ। ବାପାଙ୍କ ପାଟିରୁ ବାହାରିଗଲା ମୋ ପୁଅ ଝିଅ ଭଲ ପିଲା ହୋଇଗଲେଣି।


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଏକାଉଣ୍ଟ୍ କମ୍ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ନିଲମ୍ବିତ କଲେ ଜିଲ୍ଲାପାଳ

ଦେବଗଡ଼, (ମହାଭାରତ) : ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍‌ର କର ଲଗା ଗ୍ରାମପଞ୍ଚାୟତର ଏକାଉଣ୍ଟେଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ନିଲମ୍ବିତକର୍ଯାରାଇଛି । ସୂଚନା ଅନୁଯାୟୀ ଆଜି ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ରିଆମାଳ ବ୍ଲକ୍ କରଲଗା ଗ୍ରାମପଞ୍ଚାୟତର ଏକାଉଣ୍ଟେଣ୍ଟ କମ୍ ଡାଟା ଏଣ୍ଟ୍ରି ଓପରେଟର କିଶୋର କୁମାର ସାହୁଙ୍କ ବିରୁଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଯଥା ସରକାରୀ କାର୍ଯ୍ୟ ରେ ଅବହେଳା ଏବଂ ଉଚ୍ଚ କର୍ତୃପକ୍ଷ ଆଦେଶ ଅବମାନନା ଓ କାର୍ଯ୍ୟାଳୟରେ ବାରମ୍ବାର ଅନୁପସ୍ଥିତ ରହିବା ହେତୁ ତାଙ୍କୁ କାର୍ଯ୍ୟାଳୟରୁ ନିଲମ୍ବିତ କରିଛନ୍ତି ।

## କେସିଙ୍ଗା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନାରେ ଜିତେନ୍ଦ୍ର ବିଶ୍ୱାଳ ନୂତନ ଥାନାଧିକାରୀ ଭାବେ ମଙ୍ଗଳ ବାର ଯୋଗ ଦେଇଛନ୍ତି । ସେ ପୂର୍ବରୁ ଲାଞ୍ଜିଗଡ ରେ ଥିଲେ । କେସିଙ୍ଗା ଥାନା ରେ ଯୋଗଦାନ ପରେ ପୂର୍ବ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ଏବଂ ଥାନା ର ଅନ୍ୟ କର୍ମଚାରୀ ମାନେ ନୂତନ ଆଇଆଇସି ଜିତେନ୍ଦ୍ର ବିଶ୍ୱାଳଙ୍କୁ ସ୍ୱାଗତ କରିଥିଲେ । ଏହି ଅଞ୍ଚଳରେ ନିଶା କାରବାର ରୋକିବା, ବେପାରୁଆ ଗାଡି ଚାଳକଙ୍କୁ ସାବାଡ଼ କରିବା, ଏବଂ ବିଶେଷ କରି କେସିଙ୍ଗା ସହର ରେ ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଆଇଆଇସି ଜିତେନ୍ଦ୍ର ବିଶ୍ୱାଳ ସାକ୍ଷାତ ବେଳେ ମତାମତ ରଖିଥିଲେ ।

## ନର୍ଲା ବିଜେପି ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁସପୁତଳିକା ଦାହ

ନର୍ଲା, (ମହାଭାରତ) : ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମୋଦୀଙ୍କ ମାଆ ପ୍ରତି ବ୍ୟବହାର କରିଥିବା ଅପଶବ୍ଦ ଓ କଂଗ୍ରେସ ଦଳ ର ହୀନ ରାଜନୀତି କୁ ନର୍ଲା ବିଜେପି ପାର୍ଟି ତରଫରୁ ବିରୋଧ କରି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ନେତୃତ୍ୱ ରେ ବିଜେପି କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ନର୍ଲା ଚାରିଛକ ଠାରେ ରାହୁଲ ଗାନ୍ଧୀ ଙ୍କ କୁଶ ପୁତଳିକା ଦାହ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଆର୍ତ୍ତତ୍ରାଣ ମହାପାତ୍ର, ଅନିରୁଦ୍ଧ ପ୍ରଧାନ, ମନ୍ମୟ ଚାନ୍ଦ, ସୁରେଶ ଭୋଇ,କୀର୍ତ୍ତିଚନ୍ଦ୍ର ମାହାର,ସୁରେଶ ସାହୁ, ରୂପ୍ରା ମଣ୍ଡଳ ସଭାପତି ଗୁଣ ନିଧି ସାହୁ, ସୁରେଶ ବଗର୍ତ୍ତି, ନର୍ଲା ବିଜେପି ଦଳ ର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଗୁରୁଦିବସ ଉପଲକ୍ଷେ ଶିକ୍ଷକଙ୍କ କଳାକାରନାମା
## ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ପ୍ରଧାନଶିକ୍ଷକ ଅଟକ

ଜୁନାଗଡ, (ମହାଭାରତ): ଜୁନାଗଡ଼ ବ୍ଲକ ବଳଦିଆମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରଧାନଶିକ୍ଷକ ଦୁଲେନ୍ଦ୍ର ମେହେର ସ୍କୁଲର କିଛି ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଓ ବିଭିନ୍ନ ସମୟରେ ତାଙ୍କୁ ସ୍ପର୍ଶ କରୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇଁ ଜୁନାଗଡ଼ ବିଇଓଙ୍କ ଠାରେ ଅଭିଯୋଗ ହୋଇଥିଲା । ଏହାର ତଦନ୍ତ କରିବା ପାଇଁ ଆଜି ଅପରାହ୍ନରେ ଜୁନାଗଡ଼ ଶିକ୍ଷା ବିଭାଗର ବିଆରସିସି ସୁଶାନ୍ତ ଠାକୁର,ଏ ବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ । ତେବେ ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀ ସ୍କୁଲ କୁ ଉତ୍ୟକ୍ତ ହୋଇ ଆସିବାରୁ ଭୟରେ ପ୍ରଧାନ ଶିକ୍ଷକ ମେହେର ସ୍କୁଲ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ । ସେହିପରି ଉପସ୍ଥିତ ଗ୍ରାମବାସୀ ମାନେ ମଧ୍ୟ ଆଗ ପଟରୁ ତାଲା ପକାଇ ଦେଇଥିଲେ । ପରେ ସେଠାରେ ପରିସ୍ଥିତି ଅଣାୟତ ହେବାରୁ ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଜୁନାଗଡ଼ ପୋଲିସ ଘଟଣା ସ୍ଥଳକୁ ପହଞ୍ଚିଥିଲା । ସ୍କୁଲର ଭିତରୁ ପ୍ରଧାନ ଶିକ୍ଷକ ମେହେରଙ୍କୁ ପୋଲିସ ଉଦ୍ଧାର କରି ଗାଡ଼ିରେ ବସାଇବାବେଳେ ସ୍ଥାନୀୟ ଲୋକେ ପୋଲିସ ଗାଡିକୁ ଛାଡି ନ ଥିଲେ । ଯାହାଫଳରେ ଦୀର୍ଘ ସମୟ ଧରି ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା । ଏହାଯୋଗୁଁ ସ୍କୁଲ ଆଗରେ ଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଯାନ ବାହାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା । ଏପରିକି ପ୍ରଧାନ ଶିକ୍ଷକ ମେହେରଙ୍କୁ ସ୍କୁଲ ବାହାରକୁ ଆଣିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଥିଲା । ପ୍ରାୟ ଘଣ୍ଟାଏ ପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣିବାରେ ସକ୍ଷମ ହୋଇଥିଲା । ଏ ନେଇଁ ଜୁନାଗଡ଼ ବିଇଓ ତପନ ମାଝୀଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିବା ପରେ ତଦନ୍ତ ପାଇଁ ୨ଏବିଇଓ ଜଣେ ଶିକ୍ଷୟତ୍ରୀଙ୍କୁ ପଠାଯାଇଥିଲା । ବୁଧବାର ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ । ଏସମ୍ପର୍କ ରେ ତଦନ୍ତ ଦାୟିତ୍ୱ ରେ ଥିବା ଥାନା ଅଧିକାରୀ ପୁରୁଷୋତ୍ତମ ଯାନୀ ଙ୍କୁ ପଚାରିବାରୁ ସେ ପ୍ରଧାନ ଶିକ୍ଷକ ଙ୍କୁ ଅଟକ ରଖି ତଦନ୍ତ ଜାରି ଚାଲିଥିବା ପ୍ରକାଶ କରିଛନ୍ତି ।

# କୁଟିଆ କନ୍ଧଙ୍କ ଟୁରିସିମେଲ ଗାଁରେ ବିକାଶ ଅପହଞ୍ଚ



ଲାଞ୍ଜିଗଡ଼, (ମହାଭାରତ ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମାଳିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଟୁରିସିମେଲ ଗାଁ । ଏହି ଗାଁରେ ଉକ୍‌ଟ ପାନୀୟଜଳ ସମସ୍ୟା ରହିଥିବା ବେଳେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ନାହିଁକି ଗାଁରେ ବିଜୁଳି ନାହିଁ । ମୌଳିକ ସୁବିଧାରୁ ବଞ୍ଚିତ ଏହି ଗ୍ରାମବାସୀ ଅତି ଦୟନୀୟ ଅବସ୍ଥାରେ ରହିଛନ୍ତି । ସୂଚନା ଅନୁସାରେ,ଏହି ଟୁରିସିମେଲ ଗାଁରେ ୩୮ ଟି ଆଦିବାସୀ ପରିବାର ରହୁଛନ୍ତି । ଏହି ଗାଁରେ ବର୍ଷ ବର୍ଷ ଧରି ପିଇବା ପାଣି ସମସ୍ୟା ଲାଗି ରହିଥିବା ବେଳେ ଝରଣା ପାଣିରେ ଶୋଷ ମେଣ୍ଟାଉଛନ୍ତି । ଗାଁରେ ପିଇବା ପାଣିର ସୁବିଧା ପାଇଁ ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଜଣାଇବା ପରେ ବର୍ତ୍ତମାନ ଗଭୀର ନଳକୂପ ଦ୍ୱାରା ସୋଲାର ସଂଯୋଗ କରିବା ସହ ୫ ହଜାର ଲିଟର ବିଶିଷ୍ଟ ପାଣିଟାଙ୍କି ଦ୍ୱାରା ଜଳ ଯୋଗାଣ କରିବା ଶୀଘ୍ର ଆରମ୍ଭ କରାଯିବ ବୋଲି ପଞ୍ଚାୟତ ପକ୍ଷରୁ ସୂଚନା ମିଳିଛି । କିନ୍ତୁ ଗାଁ ପାଇଁ ଏହି ୫ ହଜାର ଲିଟର ପାଣି ନିଅଁଣ୍ଟ ହେବବୋଲି ଗାଁ ଲୋକେ କହିଛନ୍ତି । ଗାଁରୁ ୫୦୦ ମିଟର ଦୂରରେ ପ୍ରାଥମିକ ସ୍କୁଲ ଅଛି । ସେହି ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି । ପିଲା ଚାଲିକି ଯିବା କଷ୍ଟକର ହେଉଛି । ସ୍କୁଲଟି ରକ୍ଷଣାବେକ୍ଷଣ ଅଭାବରୁ ବିପଦ ସଂକୁଳ ଅବସ୍ଥାରେ ରହିଛି । କେଉଁ ମୁହୂର୍ତ୍ତରେ କଣ ହେବ କହିହେବ ନାହିଁ । ସ୍କୁଲରେ ୩୬ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି କିନ୍ତୁ ଗୋଟିଏ ଶିକ୍ଷକ ଲଳିତ କୁମାର ସାହୁ ରହିଥିବା ବେଳେ ୫ଟି ଶ୍ରେଣୀ ସମ୍ଭାଳିବା ଓ ଶିକ୍ଷା ଦାନରେ ଅସୁବିଧା ହେଉଥିବା ଗାଁ ଲୋକେ କହିଛନ୍ତି । ଏହି ସ୍କୁଲରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଆଗକୁ ପଢ଼ିବାରେ କଷ୍ଟକର ହେଉଛି । ଗାଁଠାରୁ ମାଳିଯୁବାଙ୍ଗ ଉଚ୍ଚ ବିଦ୍ୟାଳୟ ୧୪ କିମି ଦୂରରେ ରହିଥିବା ବେଳେ ବିଜେପୁର ଉଚ୍ଚ ବିଦ୍ୟାଳୟ ୧୬ କିମି ଦୂରରେ ରହିଛି । ଗାଁ ନିକଟରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହିଁ । ପିଲାଙ୍କୁ ସ୍କୁଲ ଯିବା ସମ୍ଭବ ହେଉନାହିଁ । ତେଣୁ ଆବାସିକ ସ୍କୁଲ ମିଳିଲେ ଯାଇ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି । ଗାଁବସତିରୁ ବିଜୁଳି ସଂଯୋଗ ହୋଇନାହିଁ । ଏନଜିଓ ମାଧ୍ୟମରେ ସୋଲାର ଦିଆଯାଇଛି । କିନ୍ତୁ ଜଳିବା କିଛି ମାସ ପରେ ସେସବୁ ଅଚଳ ଅବସ୍ଥାରେ ରହିଛି । ଗାଁରେ ବିଜୁଳି ସଂଯୋଗ ନେଇ ପ୍ରଶାସନ ଓ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ପରେବି କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଗ୍ରାମ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ମନରେଗା କାମ କାଗଜପତ୍ର ରେ ଚାଲିଥିବାଲେ ଏମାନଙ୍କୁ ଠିକ ଭାବରେ କାମ ମିଳୁନାହିଁ । ତେଣୁ ଗାଁର ଲୋକେ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି ବୋଲି ଗାଁ ଲୋକେ କହନ୍ତି । ଏମାନଙ୍କୁ ସରକାରଙ୍କ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ମିଳିନାହିଁ । ନିଜ ପରିବାର ପ୍ରତିପୋଷଣ ପାଇଁ ନିକଟସ୍ଥ ଜଙ୍ଗଲରେ ପୋଡୁଚାଷ କରି ଗୁଜୁରାଣ ମେଣ୍ଟାଉଛୁ ବୋଲି ଗ୍ରାମବାସୀ କହିଛନ୍ତି । ରାସ୍ତା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ଚାଲିଛି । କିନ୍ତୁ ମନ୍ଥର ଗତିରେ ଚାଲିଛି । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଗାଁର ଲୋକଙ୍କୁ ଘର ନିର୍ମାଣ ପାଇଁ ଟଙ୍କା ଆସିଛି । ରାସ୍ତା ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ ହେଲେ ଘର ନିର୍ମାଣ ପାଇଁ ସାମଗ୍ରୀ ନେଇ ପାରିବୁ ହୋଲି ଗ୍ରାମବାସୀ କହିଛନ୍ତି । ତେଣୁ ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନ ଓ ଜନପ୍ରତିନିଧି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

କରଞ୍ଜିଆ, (ମହାଭାରତ): ଠାକୁରମୁଣ୍ଡା ବ୍ଲକ ପଡିଆବେଡା ପଞ୍ଚାୟତ ଅନ୍ତର୍ଗତ ନିଶାପୋଷି ଗ୍ରାମରେ ମଙ୍ଗଳବାର ସକାଳ ୯ଘଟିକା ସମୟରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ପ୍ରକାଶ ଯେ ଠାକୁରମୁଣ୍ଡା ରେଞ୍ଜ ପଡିଆବେଡା ପଞ୍ଚାୟତ ଅନ୍ତର୍ଗତ ନିସାପୋଷି ଗ୍ରାମର ଖିରାୟ ମାହାନ୍ତ (୬୫) ଆଜି ସକାଳୁ ଗୋଟିଏ ଭାଲୁ ଆକ୍ରମଣର ଶିକାର ହୋଇଥିଲେ । ଗୁରୁତର ବୃଦ୍ଧଙ୍କୁ ପରିବାର ଲୋକେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଗୁରୁତର ଥିବା ଖିରାୟ ମହାନ୍ତ ଶୌଚ ହେବାପାଇଁ ଘର ନିକଟ ଜଙ୍ଗଲ କୁ ସକାଳ ପ୍ରାୟ ୯ଟା ସମୟରେ ଗୋଟିଏ ଭାଲୁ ସମ୍ମୁଖରେ ପଡିଯାଇଥିଲେ । ଫଳରେ ଭାଲୁଟି ତାଙ୍କୁ ଆକ୍ରମଣ କରିଦେଇଥିଲେ । ଏହି ସମୟରେ ଖିରାୟ ପାଟି କରିବାରୁ ଆଖପାଖ ରେ ଥିବା ଅନ୍ୟ ଲୋକ ମାନେ ଘଟଣାସ୍ଥଳ ରେ ପହଞ୍ଚି ଯିବାରୁ ଭାଲୁଟି ଚାଲିଯାଇଥିଲା । ପରେ ସ୍ଥାନୀୟ ଲୋକେ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ।

# ରାଇଘର ରେଙ୍ଗାଭାଟିରେ ଗୁରୁଣ୍ଡି ପର୍ବ ପାଳିତ



ରାଇଘର, (ମହାଭାରତ) : ରାଇଘର ବ୍ଲକ କୁସୁମପୁର ସାତ ପାଳି ଗାଁରେ ପାଳିତ ହୋଇ ଯାଇଛି ନୂଆଖିଆର ତାଆ ପରଦିନ ପାଳିତ ହୁଏ ଗୁରୁଣ୍ଡି ପର୍ବଏହି ପର୍ବକୁ ଉତ୍ସାହ ସହ ପାଳନ କରିଚନ୍ତି କୁସୁମପୁର ସାତ ପାଳି ଗାଁଲେକେ ଯଥା, କୁସୁମପୁର, ରେଙ୍ଗାଭାଟି, ସୋନପୁର, ମାରଙ୍ଗପାଲି, ଜୋହିଲଗୁଡା, ଆମାବେଡା, ଝାକରପାରା, ମୁନିଙ୍ଗାଡିହି, ଲାଲମାଟି, ଡଙ୍ଗରିପାରା, ଏହିସବୁ ଗାଁରେ ପାଳିତ ହଇଯାଇଛି ଏବଂ ଗାଁ କୁ ବୁଲିବା ସହିତ ଗୀତ ଗାନ କରାଯାଏ ଗୀତ । ଅନୁସୂଚିତ ଜାତି ଜନଜାତି ଓ ଓବିଶି ବର୍ଗର ଲୋକ ମାନେ ପାଳନ କରିଥାନ୍ତି । ଏବଂ ପରମ୍ପରାଅନୁ ଯାଇ ପୁର୍ବପୁରୁଷ ଗାଇ ଆସୁଥିବା ଗୀତ ହେଲା,ହାରସେ ଲଣ୍ଡି ଭୁର ଶୁଣ୍ଡି ଡୟା ଡୟା ଭୁର ଶୁଣ୍ଡି କେଡା ମେଡା ହେଡାତେ ଡୟା ବୁର୍ଶୁଣ୍ଡି ନିୟୁଆ ଡେରାତେ ଥାହା ସହିତଆହୁରି ଗୋଟିଏ ଗୀତ ଗାନ କରନ୍ତି ସେହିଗୀତ ହେଲା । ବୁରଶୁଣ୍ଡି ନାୟ ଦେଲା ଘରେ ଚାବରେ ଗୁଣ୍ଡି ଗୀତ ରେ କମ୍ପିଲା ଗାଁ ଗହଳିରେ । ଏହି ପାରମ୍ପରିକ କୃଷି ବିତିକ ଗୀତ ଗାଇ ୧୦ ଟି ବ୍ଲକ ର କେତେକ ଗାଁରେ କୃଷିବିତିକ ଗରଣ୍ଡୀ ପର୍ବ ପାଳନ କରାଯାଇଛି । ନୁଆଁଖାଇ ପରଦିନ ଗାଁ ର ଯୁବକମାନେ ଘର ଘର ବୁଲି ଚାଉଳ,ପନିପରିବା, କୁକୁଡା, ପାରା, ହଂସ ମାଗିବା ବେଳେ ଏହି ଗୀତ ଗାହାନ୍ତି । ଏହି ଗରଣ୍ଡୀ ପର୍ବ ପାଳନ କଲେ ପସଲ ଭଲ ହେବା ସହ ରୋଗ ବ୍ୟାଦି ଦୁରେଇ ରୁଏ ବୋଲି ମୂଳନିବାସୀଙ୍କ ବିଶ୍ୱାସ ରହିଛି । ଗରଣ୍ଡୀ ଯାତ୍ରା ସମୟ ରେ ଗାଁ ର ଯୁବକ ଓ କିଶୋରମାନେ ଜଙ୍ଗଲ ରୁ କାଟ ଆଣି ଗଡ଼ଦି ପ୍ରସ୍ତୁତ କରିଥାନ୍ତି । ଦଶରୁ ୧୨ ଫୁଟ ପ୍ରଯନ୍ତ ଦୁଇଟି ସିଧା କାଠ ରେ ପେଡାଲ ଲଗାଇ ଏହାକୁ ପ୍ରସ୍ତୁତ କରାଯାଏ । ପେଡାଲ ରେ ଚଡି ଯୁବକ ମାନେ ଚାଲିବା ସହ ବିଭିନ୍ନ ଖେଳ କୌଶଳ ପ୍ରଦର୍ଶନ କରିଥାନ୍ତି । ଗରଣ୍ଡୀ ରେ ଚଡି ଗାଁରେ ଯୁବକ ମାନେ ଗରଣ୍ଡୀ ଧରି ଟଙ୍କା ଚାଉଳ ମାଗି ଗାଁରେ ବୁଲନ୍ତି । ଏହି ପରମ୍ପରା ଦେକିବାକୁ ଆଖପାଖ ଗାଁ ଲୋକଙ୍କ ଭିଡ଼ ଜମିଥାଏ । ଏହା ପରେ ଯୁବକ ମାନେ ଗରଣ୍ଡୀରେ ଚଡି ଘରଘର ବୁଲି ହାଣ୍ଡି ଗୁଣ୍ଡି ବୁରଶୁଣ୍ଡି, ନାୟ ଦେଲା ଘରେ ଚାବରେ ଗୁଣ୍ଡି ଗୀତ ଗାଇ ଚାଉଳ, ଧାନ ଓ ଟଙ୍କା ମାଗିଥାନ୍ତି । ସଂଗୃହିତ ଧାନ ଚାଉଳ କୁ ନେଇ ଗାଁ ମୁଣ୍ଡରେ ଭୋଜି କରାଯାଏ । ଭୋଜି ଖାଇବା ପରେ ଗରଣ୍ଡୀ କୁ ପକାଇ ଭାଙ୍ଗିଦିଆ ଯାଏ । ପରେ ଯୁବକ ଓ କିଶୋର ମାନେ ଘର ଘରବୁଲି ଗୁରୁଜନମାନଙ୍କୁ ଜୁଆର ଭେଟ କରି ଆଶ୍ରିବାଦ ନେଇଥାନ୍ତି ।

## ସମୟୋଚିତ ପଦକ୍ଷେପ ଯୋଗୁଁ ବଡ଼ ଧରଣର ଅଗ୍ନିକାଣ୍ଡରୁ ବର୍ତ୍ତିଲା ପାରାଦୀପ ବଡ଼ପଡ଼ିଆ ମାର୍କେଟ

ପାରାଦୀପ, (ମହାଭାରତ) : ବନ୍ଦର ସହର ପାରାଦୀପର ମୂଖ୍ୟ ବ୍ୟବସାୟ ପେଣ୍ଠସ୍ଥଳ ବଡ଼ପଡ଼ିଆ ମାର୍କେଟରେ ମଙ୍ଗଳବାର ସକାଳେ ରବିନ୍ଦ୍ର ଭେରାଇଟି ଷ୍ଟୋର ଦୋକାନରେ ହଠାତ ଅଗ୍ନିକାଣ୍ଡ ଘଟି ଦୋକାନ ସାମଗ୍ରୀ ସବୁ ପୋଡି ନଷ୍ଟ ହୋଇଯାଇଛି । ତେବେ ଅଗ୍ନିକାଣ୍ଡ ଘଟଣାର ଖବର ପାଇ ବଣିକ ସଂଘର ସାଧାରଣ ସମ୍ପାଦକ ଗୋଲେଖ ସାହୁ, ୧୫ ନମ୍ବର ୱାର୍ଡ ପାରିଷଦ ସୌଦାମିନୀ ସାହୁ, ବଣିକ ସଂଘ ସଦସ୍ୟ ଜିତେନ୍ଦ୍ର ଦାସ, ବାଲୁଙ୍କେଶ୍ୱର ସାହୁ, ସାରଦା ଦାସ ଓ ଅନ୍ୟ କର୍ମକର୍ତ୍ତା ମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହ ମିଶି ନିଆଁ କୁ ଆୟତ୍ତ କରିବାରେ ସଫଳ ହୋଇଥିଲେ । ତେବେ ସମୟୋଚିତ ପଦକ୍ଷେପ ପାଇଁ ମାର୍କେଟ ଅଞ୍ଚଳ ଏକ ଭୟାବହ ଅଗ୍ନି କାଣ୍ଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା କ୍ଷ ତେବେ ମୂଖ୍ୟ ବଡ଼ପଡ଼ିଆ ବିଜୟା ମାର୍କେଟ ମଧ୍ୟରେ ଅସ୍ଥାୟୀ ଦୋକାନୀ ମାନେ ଖାଉଟି ମାନଙ୍କ ଯାତାୟତ ପାଇଁ ଉଦ୍ଦିଷ୍ଟ ରାସ୍ତା ସବୁ ମାଡି ଆବଦ୍ଧ କରି ଅନାଧିକାର ଭାବେ ଦୋକାନ ଖୋଲି ଥିବାରୁ ସାଧାରଣରେ ଯିବାଆସିବା କଷ୍ଟସାଧ ହୋଇପଡିଛି । ଏତଦବ୍ୟତୀତ ମାର୍କେଟ ଭିତରେ ଏସବୁ ଅସ୍ଥାୟୀ ଦୋକାନ ଗୁଡିକର ଭିଡ଼ ଯୋଗୁଁ ସ୍ଥାୟୀ ଦୋକାନ ମାନଙ୍କରେ ବ୍ୟବସାୟ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବା ସହ ଯେକୌଣସି ଅସ୍ଥାୟୀ ଦୋକାନରେ ଅଗ୍ନିକାଣ୍ଡ ଘଟିଲେ ଏଥିରେ ସ୍ଥାୟୀ ଦୋକାନ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା କୁ ଏଡାଇ ଦିଆଯାଇନପାରେ । ମଝିରେ ମଝିରେ ବନ୍ଦର ଇଷ୍ଟେଟ ବିଭାଗ ଏସବୁ ଦୋକାନ ଗୁଡିକୁ ହଟାଇବା ପରେ ମଧ୍ୟ ସ୍ଥିତି ଯଥା ପୂର୍ବଂ ତଥା ପରଂ । ତେବେ ଏସବୁ ସମସ୍ୟା ଦୂର ପାଇଁ ପାରାଦୀପ ପୋର୍ଟ ବଣିକ ସଙ୍ଘ ର ନୂତନ କମିଟି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା ନେଇ ସଂଘର ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।



# ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ପୁଣି ବୁଡିଲା ପୋଲ

ମାଲକାନଗିରି, (ମହାଭାରତ) : କାଙ୍କୁରୁକୋଣ୍ଡା ପୋଲ ଉପରେ ଚାରି ରୁ ପାଞ୍ଚ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହବା ସହ ୩୨୬ ନମ୍ବର ଜାତୀୟ ରାଜପଥର ଉପରେ ମଧ୍ୟ ବନ୍ୟା ପାଣି ପ୍ରଭାବିତ ହବାର ଦେଖି ବାକୁ ମିଳିଛି । ଯାହା ଫଳରେ ୩୨୬ ନମ୍ବର ଜାତୀୟ ରାଜପଥର ମାଲକାନଗିରି ଓ କାଲିମେଲା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ରହିଛି । ପୋଲର ଦୁଇ ପାର୍ଶ୍ୱରେ ଅନେକ ଯାନ ବାହାନ ଅଟକି ରହିଛି । ହାଇଦ୍ରାବାଦ ରୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଫେରୁଥିବା ବସ ଗୁଡିକ କାଙ୍କୁରୁକୋଣ୍ଡା ଠାରେ ଅଟକି ରହିଛି । ଯାହା ଫଳରେ ସାଧରଣ ଲୋକେ ନାହିଁ ନଥିବା ଅସୁବିଧା ର ସମୁଖୀନ ହଉଛନ୍ତି କ୍ଷ ଅନ୍ୟପଟେ ରାଜ୍ୟରେ ଜାରି ରହିଛି ବର୍ଷା । ଲଘୁଚାପ ଯୋଗୁଁ ଆଜି ରାଜ୍ୟରେ ପ୍ରବଳ ବର୍ଷବ । ସେପଟେ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପର ନେବ ରୂପ । ପ୍ରଭାବରେ ଆଜି ୨୮ଟି ଜିଲ୍ଲାକୁ ବର୍ଷା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ବିଶେଷ କରି ଦକ୍ଷିଣ ଓଡ଼ିଶାର ଜିଲ୍ଲା କୋରାପୁଟ ଓ ମାଲକାନଗିରିରେ ପ୍ରବଳରୁ ଅତିପ୍ରବଳ ବର୍ଷାର ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ପ୍ରବଳ ବର୍ଷା ସମ୍ଭାବନା ଥିବା କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ନବରଙ୍ଗପୁର ଓ ନୂଆପଡ଼ାକୁ ଦିଆଯାଇଛି ୟେଲୋ ୱାର୍ଣ୍ଣିଂ । ବିଜୁଳି, ଘଡ଼ଘଡ଼ି ସମ୍ଭାବନା ପାଇଁ ୨୨ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି ।

## 'ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ରକ୍ଷକ' ସଂଗଠନର ରାଜ୍ୟ ଉପସଭାନେତ୍ରୀ ଭାବେ ଶୈଳେନ୍ଦ୍ରୀ ସେନାପତିଙ୍କ ଯୋଗଦାନ



ପାରାଦୀପ, (ମହାଭାରତ): ଏନଓସି ଫାଉଣ୍ଡେସନର ସଭାନେତ୍ରୀ ତଥା ପାରାଦୀପର ଜଣାଶୁଣା ସମାଜସେବୀ ଶୈଳେନ୍ଦ୍ରି ସେନାପତି ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ରକ୍ଷକ ସଂଗଠନର ଓଡିଶା ରାଜ୍ୟ ଉପସଭାନେତ୍ରୀ ଭାବରେ ନିଯୁକ୍ତି ପାଇଛନ୍ତି । ଏବାବଦରେ ସଂଗଠନର ରାଷ୍ଟ୍ରୀୟ ସଭାପତି ହରି ଓମ ଗିରି ଶ୍ରୀମତୀ ସେନାପତି ଙ୍କୁ ସେପ୍ଟେମ୍ବର ୧ ତାରିଖ ଦିନ ଏକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ସାମାଜିକ ନ୍ୟାୟ ପ୍ରଦାନ ଓ ମାନବିକ ଅଧିକାର ସୁରକ୍ଷା ପାଇଁ ଶ୍ରୀମତୀ ସେନାପତି ନିରପେକ୍ଷ ଭାବେ କାର୍ଯ୍ୟ କରିବେ । ତେବେ ତାଙ୍କର ନୂତନ ଦାୟିତ୍ୱ ମିଳିବା ପରେ ପାରାଦୀପର ବିଭିନ୍ନ ଅନୁଷ୍ଠାନ, ସଂଗଠନ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମାନବାଧିକାର ସୁରକ୍ଷା ଦିଗରେ ସେ ସର୍ବଦା କାର୍ଯ୍ୟ କରିବେ ବୋଲି କାମନା କରିଛନ୍ତି । ତେବେ ନୂତନ ଦାୟିତ୍ୱ ପାଇବା ପରେ ଶୈଳେନ୍ଦ୍ରି ସେନାପତି ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ରକ୍ଷକ ସଂଗଠନର ରାଷ୍ଟ୍ରୀୟ ସଭାପତି ହରି ଓମ ଗିରି ଓ ରାଜ୍ୟ ଅଧକ୍ଷ ମିନକେତନ ପଟ୍ଟନାୟକଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ସୁବିଧା ଶୁଭାରମ୍ଭ




କେନ୍ଦୁଝର, (ମହାଭାରତ) : ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ ସହ ସହଭାଗିତା ରେ କେନ୍ଦୁଝର ସହର ର ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟର ଠାରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ର ଶୁଭାରମ୍ଭ ମଙ୍ଗଳବାର କରାଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ମିଶ୍ର, ଟାଟା ସଷ୍ଟେନେବିଲିଟି ଗ୍ରୁପ୍‌ର ସୋସିଆଲ ସର୍ଭିସେସ୍ କ୍ଲଷ୍ଟର ମୁଖ୍ୟ ଶ୍ରୀରଙ୍ଗ ଧବାଲେ, ଟାଟା ଷ୍ଟିଲ ଯୋଡା ଚିଫ ରାଜେଶ କୁମାର, ଟି ସି ଏସ୍ ଡେଲିଭେରି ସେଣ୍ଟର ହେଡ୍ ବିଭୁ ପଣ୍ଡା, ଟାଟା ଷ୍ଟିଲ୍ ଫାଉଣ୍ଡେସନ ର ଯୋଡା କ୍ଲଷ୍ଟର ମୁଖ୍ୟ ରବିନ୍ଦ୍ର କୁମାର, ଏଲ୍‌ଭିପିଇଆଇର ପବ୍ଲିକ୍ ହେଲ୍‌ଥ ନେଟ୍‌ୱର୍କ ଡାଇରେକ୍ଟର ଡକ୍ଟର ରୋହିତ ଖାନ୍ନା, ଚିଫ ହ୍ୟୁମାନ୍ ରିସୋର୍ସ ସୁଧୀର ସିଂଙ୍କ ସହ ଟାଟା ଷ୍ଟିଲ ଏବଂ ଟି ଏସ୍ ଏଫ୍ ର ବହୁ ଅଧିକାରୀ ଓ ଏଲ୍ ଭି ପ୍ରସାଦ ଚିକିତ୍ସାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦୁଝର ଓ ଆଖପାଖ ଜିଲ୍ଲାର ଲୋକମାନଙ୍କୁ ସେବା ପ୍ରଦାନ କରୁଥିବା ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟର କୁ ୧୩ ଗୋଟି ଅତ୍ୟାଧୁନିକ ଅସ୍ତ୍ରୋପଚାର ଓ ନିଦାନ ଉପକରଣ ପ୍ରଦାନ କରାଯାଇଛି । ଏଥିରେ ଫାକୋ ମେସିନ, ସର୍ଜିକାଲ ମାଇକ୍ରୋସ୍କୋକ, ମୋତିଆବିନ୍ଦୁ ଅସ୍ତ୍ରୋପଚାର ସେଟ୍, ପୋର୍ଟେବଲ ସ୍ଲିଟ୍ ଲ୍ୟାମ୍ପ, ଗୋଟିଏ ଭିଜନ ମନିଟର ଓ ଜରୁରୀକାଳୀନ ଉପକରଣ ଅନ୍ତର୍ଭୁକ୍ତ ଓ ଭିତ୍ତିଭୂମିରେ କରାଯାଇଥିବା ଉନ୍ନତି ମାଧ୍ୟମିକସ୍ତରର ଚକ୍ଷୁ ଯତ୍ନ ସେବାକୁ ସୁଦୃଢ଼ କରାଯିବା ସହ ମୋତିଆବିନ୍ଦୁ ଜନିତ ଅନ୍ଧତ୍ୱର ପ୍ରତିଷେଧକମୂଳକ ମୁକାବିଲା କରାଯାଇପାରିବ । ଏହି ସୁବିଧା ଟାଟା ଷ୍ଟିଲ ଫାଉଣ୍ଡେସନର କାର୍ଯ୍ୟକ୍ଷେତ୍ର ଯଥା କଳିଙ୍ଗନଗର, ବ୍ରାହ୍ମଣୀପାଳ, ସୁକିନ୍ଦା ଓ ଯୋଡ଼ା ପର୍ଯ୍ୟନ୍ତ ସମ୍ପ୍ରସଓରିତ । ଏହି ଉନ୍ନତମାନର ସେବା କୁ ଆସନ୍ତା ତିନି ବର୍ଷରେ ୧୦ ହଜାରରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ସହ ପ୍ରାୟ ୨,୨୫୦ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ଡା. ପ୍ରଦୀପ କୁମାର ମିଶ୍ର କହିଲେ,'ମୋର ଦୃଢ ବିଶ୍ୱାସ ଏହି ଅତ୍ୟାଧୁନିକ ସେବା ଦ୍ୱାରା ଆଖପାଖ ଅଞ୍ଚଳର ବହୁ ଲୋକେ ଉପକୃତ ହେବେ ଓ ଏଥିପାଇଁ ମୁଁ ଟାଟା ଗ୍ରୁପ କୁ ସାଧୁବାଦ ଜଣାଉଛି । ଟାଟା ଷ୍ଟିଲ ଫାଉଣ୍ଡେସନ ସିଇଓ ସୌରଭ ରୟ କହିଛନ୍ତି ଯେ, "ଟାଟା ଷ୍ଟିଲ ଫାଉଣ୍ଡେସନ ବହୁ ଦିନରୁ କେନ୍ଦୁଝର ଜିଲ୍ଲାରେ ରୂପାନ୍ତର ଆଣିବା ଏବଂ ଶିକ୍ଷା ଓ ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଡେଲ୍ ଉପରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରୁଛି । ଫାଉଣ୍ଡେସନ ଆକାଂକ୍ଷୀ ବ୍ଲକ୍ ଓ ଜିଲ୍ଲାରେ ସହଯୋଗିତାଭିତ୍ତିକ ସମାଧାନ ଏବଂ ସମୟାନୁଯାୟୀ ଏକ ଢ଼ାଂଚା ଜରିଆରେ ଐତିହାସିକ ସାମାଜିକ ଆହ୍ୱାନର ମୁକାବିଲା କରିବା ଏବଂ ବାସ୍ତବ ପ୍ରଭାବ ସୃଷ୍ଟି କରିପାରିଛି । ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ପବ୍ଲିକ ସିଷ୍ଟମକୁ ଲୋକଙ୍କ ନିକଟରେ ପହଂଚାଇ ସମ୍ଭାବନା ଓ ଜନ ଅଧିକାରକୁ ଜାଗ୍ରତ କରିବାକୁ ଆମେ ଆଶା ରଖିଛୁ, କାରଣ ଲୋକଙ୍କ ପାଖରେ ପହଞ୍ଚିପାରିବା ହିଁ ବାସ୍ତବ ବିକାଶ'' । ଏହି ଅବସରରେ ଶ୍ରୀରଙ୍ଗ ଧବାଲେ କହିଛନ୍ତି ଯେ, "ରାଷ୍ଟ୍ର ଗଠନର ମୂଲ୍ୟବୋଧକୁ ଟାଟା ଗ୍ରୁପ୍ ଦୀର୍ଘଦିନରୁ ବଜାୟ ରଖିଛି । କେନ୍ଦୁଝରରେ ଏହି ଆଇ କେୟାର ଅଭିଯାନ ଅନଗ୍ରସର ଅଞ୍ଚଳରେ ଜନ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି । ବିଜୟାନନ୍ଦ ପଟ୍ଟନାୟକ ଆଇ ସେଣ୍ଟରର ଉନ୍ନତୀକରଣ ପାଇଁ ଟିଏସ୍ଏଫ୍, ଏଲ୍‌ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ଓ ଟାଟା କମ୍ୟୁନିଟି ଇନିସିଏଟିଭ୍‌ସ ଟ୍ରଷ୍ଟ ମଧ୍ୟରେ ସହଯୋଗିତା ଏହି ଅଞ୍ଚଳ ପାଇଁ ଶ୍ରେଷ୍ଠ ସେବା ଆଣିବାର ଏକ ଶକ୍ତିଶାଳୀ ପ୍ରଦର୍ଶନ । ଟାଟା ଗ୍ରୁପ୍‌ର ଗୋଷ୍ଠୀ କୈନ୍ଦ୍ରୀକ ଆଭିମୁଖ୍ୟ ଓ ଏଲ୍‌ଭିପିଇଆଇର ବିଶେଷତାକୁ ମିଶ୍ରଣ କରି ଏହି ଅଭିଯାନରେ ପ୍ରତିଷେଧକମୂଳକ ଅନ୍ଧତ୍ୱକୁ ଦୂର କରିବା ଏବଂ ଓଡ଼ିଶାର ଆଦିବାସୀ ଓ ଉପେକ୍ଷିତ ଲୋକଙ୍କ ଜୀବନର ଗୁଣାତ୍ମକ ମାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି ।'' ଗ୍ରାମୀଣ ଓ ଆଦିବାସୀ ସମୁଦାୟ ପାଇଁ ସ୍ଥାୟୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନ ପାଇଁ ଏଭଳି ସହଯୋଗିତାର ମହତ୍ୱ ଉପରେ ଏଲ୍‌ଭିପିଇର ଜନସ୍ୱାସ୍ଥ୍ୟର ନେଟଓ୍ୱର୍କ ଡାଇରେକ୍ଟର ଡକ୍ଟର ରୋହିତ ଖାନ୍ନା ଆଲୋକପାତ କରିଥିଲେ । ଏହି ଉନ୍ନତୀକରଣ ସହିତ ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟର ଓଡ଼ିଶାରେ ଚକ୍ଷୁ ସେବାରେ ଏକ ପ୍ରମୁଖ ହବ୍ ଭାବେ କାର୍ଯ୍ୟ କରିବ ଏବଂ ଆଦିବାସୀ ଓ ଦୁର୍ଗମ ଅଂଚଳବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବ ବୋଲି ଆଶା ପୋଷଣ କରାଯାଇଛନ୍ତି ବୁଦ୍ଧଜୀବୀ ।

## ଧୁମ୍ ଧାମରେ ଝିଅ-ବୋହୂ ପାଳିଲେ ଖୁଦୁରୁକୁଣି ଓଷା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ର ବିଭିନ୍ନ ସ୍ଥାନରେ ଝିଅ-ବୋହୂ ମାନେ ଖୁଦୁରୁକୁଣି ଓଷା ପାଳନ କରିଛନ୍ତି । ଏହି ଭାଦ୍ରବ ମାସର ଆରମ୍ଭରୁ ପ୍ରତ୍ୟେକ ରବିବାର ଦିନ ଏହି ଓଷାକୁ ପାଳନ କରାଯାଇଥାଏ । ଭାଇ ମାନଙ୍କ ମଙ୍ଗଳ କାମନା କରିବା ପାଇଁ ଭଉଣୀ ମାନେ ଏହି ଖୁଦୁରୁକୁଣୀ ଓଷା କରିଥାନ୍ତି । ପୁରାଣ ବର୍ଣ୍ଣିତ ସାଧବଘର ସାତଭାଇରେ ଗୋଟିଏ ଭଉଣୀ ତଅପୋଇ ଏହି ଖୁଦୁରୁକୁଣି ଓଷା କରିବାଦ୍ୱାରା ସେ ତା' ଭାଇ ମାନଙ୍କୁ ଫେରିପାଇଥିଲା । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଏହି ପ୍ରଥା ଚାଲିଆସୁଛି । ଭାଦ୍ରବ ମାସ ସାରା ରବିବାର ଦିନ ଝିଅ-ବୋହୂ ମାନେ ପୁଷ୍ପମାଲ୍ୟ ଓ ନୈବେଦ୍ୟ ଅର୍ପଣ କରି ଖୁଦୁରୁକୁଣିଙ୍କୁ ପୂଜା କରିଥାନ୍ତି । କିନ୍ତୁ ନୟାଗଡ଼ ର ଦେଉଳ ପଲ୍ଲୀ ଗାଁ ରେ ଚଳିତ ବର୍ଷ ନିଆର ଢଙ୍ଗରେ ଖୁଦୁରୁକୁଣୀ ଓଷା ପାଳନ କରିଛନ୍ତି ଝିଅ-ବୋହୁ ମାନେ । ଗାଁ ର ଝିଅ ମାନେ ସାତ ଭାଇ ସାଙ୍ଗକୁ ସାତ ଭାଉଜ ଓ ଗେହ୍ଲା ଭଉଣୀ ତଅପୋଇ ବେଶ ରେ ସଜେଇ ହୋଇ ଖୁଦୁରୁକୁଣୀ ଓଷା କୁ ପାଳନ କରିବା ଚଳିତ ବର୍ଷ ର ଏହି ରବିବାର ଶେଷ ଖୁଦୁରୁକୁଣୀ ଓଷା ଥିବା ରୁ ନାଚ ଗୀତରେ ମଜଗୁଲୁ ହୋଇ ବୋଇତ ବନ୍ଦାଣ କରି ମା ମଙ୍ଗଳାଙ୍କ ପାଖରେ ଭାଇ ପାଇଁ ଶୁଭ ମନାସି ଛନ୍ତି ।



## ଗଛ ପଡି ଶରତ ଘଟି ଠାକୁରାଣୀ ଶାଳ ଭାଙ୍ଗିଲା

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଠାକୁରମୁଣ୍ଡା - ଉଦଳା ରାସ୍ତାରେ ଥିବା ଶରତ ଘାଟି ଠାକୁରାଣୀ ଶାଳ ନିକଟରେ ଥିବା ଏକ ପୁରାତନ ବିଶାଳ ଆମ୍ବ ଗଛ ସୋମବାର ବିଳମ୍ବିତ ରାତିରେ ଉପୁଡି ପଡି ଠାକୁରାଣୀ ଶାଳ ଉପରେ ପଡି ଯିବାରୁ ଠାକୁରାଣୀଙ୍କ ଶାଳ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାର ଜଣା ଯାଇଛି। ଏଥି ସହିତ ଠାକୁରାଣୀ ଶାଳ କୁ ଲାଗି ରହିଥିବା ବନ ସୁରକ୍ଷା କମିଟି ର ଏକ ଘର ଟି ଆଂଶିକ କ୍ଷତି ହୋଇଛି ।ମଙ୍ଗଳବାର ସକାଳେ ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ର କର୍ମଚାରୀ ମାନେ ଘଟଣାସ୍ଥଳ କୁ ଯାଇ ଉପୁଡି ପଡିଥିବା ଆମ୍ବ ଗଛ କୁ କାଟି ଥିଲେ ।ଏହି ବିଶାଳ ଆମ୍ବ ଗଛ କୁ କାଟି ସଫା କରିବାକୁ ଅଗ୍ନିଶମ ବିଭାଗ କୁ ୮ ଘଣ୍ଟା ପରିଶ୍ରମ କରିବାକୁ ପଡିଥିଲା ।ଲଗାଣ ବର୍ଷା ଯୋଗୁଁ ବହୁ ପୁରାତନ ଆମ୍ବ ଗଛ ଟି ଉପୁଡି ପଡିଥିବା ର କୁହାଯାଉଛି।

## ସାର ବଣ୍ଟନରେ ଅନିୟମିତତା , ଏନ୍ଏଚ୍ ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କଲେ ଚାଷୀ



କାଲିମେଲା,(ମହାଭାରତ):ସାର ଯୋଗାଣରେ ଅନିୟମିତତାକୁ ନେଇ ୩୨୬ ନମ୍ବର ଜାତୀୟ ରାଜପଥକୁ ସୋମବାର ଅବରୋଧ କରିଛନ୍ତି ଉତ୍ତୋକ୍ତ ଚାଷୀ । ବର୍ଷା ଋତୁ ସରିବାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି ସାର । ମାଲକାନଗିରି ଜିଲ୍ଲା କାଲିମେଲା ଲାମ୍ପ୍ ରେ ସାର ମିଳୁ ନ ଥିବାରୁ ଚାଷୀ ଦଲାଲ ହାବୁଡ଼ରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ତୁରନ୍ତ ସାର ଯୋଗାଣ ଦାବିରେ କାଲିମେଲା ବ୍ଲକର ଚାଷୀ ମାନେ ରାସ୍ତା ଅବରୋଧ କରିଥିଲେ । ସାର ଯୋଗାଣ ଦାବିରେ ଦୀର୍ଘ ସମୟ ଧରି ଚାଷୀ ମାନେ ଜାତୀୟ ରାଜପଥ ରାସ୍ତା ଅବରୋଧ କରି ଅଡିବସିଥିଲେ । ସେପଟେ କଳା ବଜାରରେ ୟୁରିଆ ସାର ର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି । ବର୍ତ୍ତମାନ ଧାନ ଫସଲ ରେ ଡ଼ିଏପି ଏବଂ ୟୁରିଆ ସାର ର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରୀ କରି କଳାବଜାରୀ ସୃଷ୍ଟି କରୁଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ଏହାସହ ସରକାର ତୁରନ୍ତ ସାର ଉପଲବ୍ଧ କରିବାକୁ ଦାବି କରିଛନ୍ତି । ତେବେ ଖବର ପାଇ ଘଟଣା ସ୍ଥଳରେ କାଲିମେଲା ଥାନା ପୋଲିସ୍ ପହଞ୍ଚି ଉତ୍ତୋକ୍ତ ଚାଷୀ ମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିବା ଜଣାପଡ଼ିଛି।

## ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କଲେ ସାଂସଦ

ମାଲକାନଗିରି,(ମହାଭାରତ):ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତ କରି ବିଭିଓ ବିଭାଗର ଉନ୍ନୟନ କାର୍ଯ୍ୟ ବିଷୟରେ ଉପସ୍ଥାପନ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସାଂସଦ ଇଂ ମାଝୀ ଆଗାମୀ ୨୦୨୯ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରି କାର୍ଯ୍ୟପ୍ୟା ପ୍ରସ୍ତୁତ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ବିଶେଷ ଭାବେ ଗରିବୀ ଦୂରୀକରଣ ଓ ଦାଦନ ଶ୍ରମିକ ସଂଖ୍ୟା ହ୍ରାସ କରିବା ଉପରେ ପ୍ରାଧାନ୍ୟତା ଦେବା ସହ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟ ଚାଷ ଉତ୍ପାଦନ କ୍ଷମତା ବୃଦ୍ଧି କରି ଏଥିରେ ଜିଲ୍ଲା ସ୍ୱାବଲମ୍ବୀ ହେବା ପାଇଁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ କିଭଳି ଅଧିକରୁ ଅଧିକ ଲୋକ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବା ପାଇଁ ଲିଡ୍ ବ୍ୟାଙ୍କ୍ ମ୍ୟାନେଜରଙ୍କୁ କୁହାଯାଇଛି ।ଯୋଗ୍ୟ ହିତାଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ବୀମାଭୁକ୍ତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଅର୍ଥନୀତି କୃଷି ଭିତ୍ତିକ ଅଟେ। ପୂର୍ବେ ସ୍ୱାଭିମାନ ଅଞ୍ଚଳରେ ଯେଉଁଠାରେ ଗଞ୍ଜେଇ ଚାଷ ହେଉଥିଲା ଉକ୍ତ ପରିତ୍ୟକ୍ତ ସ୍ଥାନ ଚାଷ ନିମନ୍ତେ ବହୁ ଉର୍ବର ଅଟେ ।ଉକ୍ତ ଅଞ୍ଚଅଳରେ ପରିବା ଓ ଫଳ ଚାଷ ନିମନ୍ତେ ଲୋକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟାନ କୃଷି ଓ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମାଲକାନଗିରି ଜିଲ୍ଲା ନଦୀନାଳରେ ଭରପୁରୟ କିଭଳି ଆମ ଜିଲ୍ଲାର ପାଣି ଆମ ଅଞ୍ଚଳରେ ଉପଯୋଗ ହୋଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୁକୁଡ଼ା, ଛେଳି ଚାଷ ଓ ଗୋପାଳନ ମାଧ୍ୟମରେ କିଭଳି ଲୋକ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇ ପାରିବେ ସେଥି ନିମନ୍ତେ ପ୍ରାଣୀ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।କୃଷିଙ୍କ ସାର ସମସ୍ୟା, ଚାଷ ଜମିର ମୃତ୍ତିକା ପରୀକ୍ଷଣ ଓ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ବିଷୟରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ସାଂସଦ। ସେହିଭଳି କିଭଳି ଅଧିକରୁ ଅଧିକ ଅଗ୍ରଗତି କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଲକ୍ଷ ପତି ଦିଦି ହୋଇପାରିବେ ସେଥିରେ ସହଯୋଗ କରିବା ପାଇଁ ମିଶନ ଶକ୍ତି ବିଭାଗକୁ କୁହାଯାଇଥିଲାୟ ସେହିପରି ବୈଠକରେ ରାସ୍ତା ସେତୁ ନିର୍ମାଣ ରେଳପଥ ଜମି ଅଧିଗ୍ରହଣ କ୍ଷତିପୂରଣ ଦେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଉପ ଜିଲ୍ଲାପାଳ ଅଶ୍ୱି ଏ ଏଲ ଉପସ୍ଥିତ ଥିଲେ।



# ନୟାଗଡ଼ ପୌର ପରିଷଦ : ରାସ୍ତାପାର୍ଶ୍ୱ ଡ୍ରେନ ଓ ସରକାରୀ ଜାଗା ଜବରଦଖଲ
## ନିର୍ମାଣ ହୋଇଛି ସ୍ଥାୟୀ ଦୋକାନ ଗୃହ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ସହର ବୁଲୁ ନାହାନ୍ତି ନିର୍ବାହୀ ଅଧିକାରୀ। ଦୈନିକ ଭୁବନେଶ୍ୱରରୁ କାର୍ଯ୍ୟାଳୟକୁ ଆସି ଭୁବନେଶ୍ୱର ଯାଉଛନ୍ତି। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ବି ନୟାଗଡ଼ ବିକାଶକୁ ଗୁରୁତ୍ୱ ଦେଉନାହାନ୍ତି। ନୟାଗଡ଼ ବିଧାୟକ ସ୍ୱାୟତ ଶାସନ ଦିବସରେ ତାଙ୍କ କ୍ଷୋଭ ଓ ଦୁଃଖ ପ୍ରକାଶ କରିବା ପରେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ବିକାଶକୁ ପୌର ପରିଷଦ ଦଳି ମକଚି ଦେଇଥିବା ବେଳେ ଏବେ ବାଡ଼ ଫସଲ ଖାଇବା ଆରମ୍ଭ କରି ସାରିଲାଣି। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସାମ୍ନା ଦେବୋ□ର କଲୋନୀ ୪ର୍ଥ ଲେନ୍ ରାସ୍ତା ପାଶ୍ୱର୍ରେ ସରକାରୀ ଜାଗା ଓ ଡ୍ରେନ ଜବରଦଖଲ କରି ୪ଟି ଦୋକାନ ଗୃହ ନିର୍ମାଣ ହୋଇଛି। ଏହି ସ୍ଥାୟୀ ଦୋକାନ ଗୃହ କେଉଁ ଭଳି ଭାବେ ନିର୍ମାଣ ହେଲା ଏବଂ କିଏ ଏହାକୁ ପ୍ରୋତ୍ସାହନ ଦେଇଛି, ତାକୁ ନେଇ ସହର ବାସୀଙ୍କ ମଧ୍ୟରେ ଚପା ଗୁଞ୍ଜରଣ ସୃଷ୍ଟି ହୋଇଛି। ନୟାଗଡ଼ ପୌର ପରିଷଦ କିଛି ନେତା ଏବଂ ଜୈନିକ କରିତକର୍ମା କର୍ମଚାରୀ ଏହାକୁ ପ୍ରୋତ୍ସାହନ ଦେଇଥିବା ଚର୍ଚ୍ଚା ହେଉଛି। ଏହି ଦୋକାନ ଗୃହ ଜବରଦଖଲ କରି ନିର୍ମାଣ କରାଯିବା ପଛରେ ୧୦ ଲକ୍ଷ ଟଙ୍କାର ଭିତିରିଆ କାରବାର ହୋଇଥିବା ଆଲୋଚନା ହେଉଛି। ନୟାଗଡ଼ ଭଞ୍ଜନଗର ମୁଖ୍ୟ ରାସ୍ତା ନୟାଗଡ଼ କଲେଜ ସାମ୍ନାରେ ୧ ଡିସିମିଲି ଜମିର ମୁଖ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଦେବୋ□ର କଲୋନୀ ୪ର୍ଥ ଲେନ୍ ଡ୍ରେନ ପାଖକୁ ଲାଗି ୨ ଡିସିମିଲିରୁ ଊର୍ଦ୍ଧ୍ୱ ସରକାରୀ ଜାଗା ରହିଥିଲା। ଏଠାରେ ଅତ୍ୟନ୍ତ ଚତୁରତାର ସହ ଦୋକାନ ଗୃହ ନିର୍ମାଣ କରି ଦୁଇଟି ଭଡ଼ାରେ ଲଗା ସରିଛି। ଗୋଟିଏ ଦୋକାନ ଗୃହ ଅଧପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ୩ଟି ର ନିର୍ମାଣ ଯେନତେନ ଶେଷ ହୋଇଛି। ଦୀର୍ଘଦିନ ଧରି ଅଳ୍ପ ଅଳ୍ପ କରି ଦୋକାନ ଗୃହକୁ ଲୁଚାଇ ନିର୍ମାଣ କରାଯାଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ସହରର ମୁଖ୍ୟ ସ୍ଥାନରେ ସରକାରୀ ଜାଗା ଓ ଡ୍ରେନକୁ ମଡ଼ାଇ ଦୋକାନ ଗୃହ ନିର୍ମାଣ କରାଯିବା ପ୍ରସଙ୍ଗ ପୌର ନିର୍ବାହୀ ଅଧିକାରୀ ଜାଣିଛନ୍ତି ନାଁ ଜାଣି ନଜାଣିବା ଅବସ୍ଥାରେ ରହିଛନ୍ତି, ତାହା ମଧ୍ୟ ପ୍ରଶ୍ନବାଚୀ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ କିଛି ବ୍ୟକ୍ତି ଡାହାଣି ହୋଇ ଲାଗିଥିବା ଏବଂ ଗୁଣିଆ ହୋଇ ଝାଡୁଥିବା ନୀତିରେ ରହିଛନ୍ତି। ନୟାଗଡ଼ ସହରରେ ଜବରଦଖଲ ବୃଦ୍ଧି ପାଉଥିବା ବେଳେ ପୌର ପରିଷଦ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ସରକାରୀ ଜମିକୁ କିଛି ନେତା ଓ କର୍ମଚାରୀ ପରୋକ୍ଷ ପ୍ରୋତ୍ସାହନ ଦେଇ ବିକ୍ରି କରୁଛନ୍ତି। ଫଳରେ ନୟାଗଡ଼ ସହରର କୌଣସି ସ୍ଥାନ ସରକାରୀ ଅଫିସ, ନ୍ୟାୟାଳୟ କିମ୍ବା କୌଣସି ଜନହିତକର କାର୍ଯ୍ୟ ପାଇଁ ଆବଶ୍ୟକ ହେଲେ ଖୋଜିବାକୁ ପଡୁଛି। ନୟାଗଡ଼ କଲେଜ ସାମ୍ନାରେ ଜବରଦଖଲ ହୋଇଥିବା ସ୍ଥାନରେ ଏକ କାର୍ଯ୍ୟାଳୟ ନିର୍ମାଣ କରାଯାଇପାରିଥାନ୍ତି ।କିମ୍ବା ପୌର ପରିଷଦ ଅଧୀନରେ ମାର୍କେଟ ନିର୍ମାଣ କରି ଆୟ ବୃଦ୍ଧି ହୋଇପାରିଥାନ୍ତା। ମାତ୍ର ଏହାକୁ କିଛି ବ୍ୟକ୍ତି ଜବତଦଖଲ କରି ଦୋକାନ ଗୃହ ନିର୍ମାଣ କରିବା ଘଟଣା ସହରବାସୀଙ୍କୁ ଚିନ୍ତାରେ ପକାଇଛ। ପୌର ପ୍ରଶାସନ ସହର ବିକାଶ ପାଇଁ କାର୍ଯ୍ୟ କରୁଛି, ନାଁ ବିନାଶ ପାଇଁ କାର୍ଯ୍ୟ କରୁଛି ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି କଲେଜ ସାମ୍ନାରେ ନିର୍ମାଣ ହୋଇଥିବା ବେଆଇନ ଦୋକାନ ଗୃହ ଭାଙ୍ଗିବାକୁ ଦାବି ହେଉଛି। ନତୁବା ଉଭୟ କଂଗ୍ରେସ ଓ ବିଜେଡି ରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ବିଷମ କଟକ:ସାର ଗୋଦାମ ଉପରେ ଅଚାନକ ଚଢ଼ାଉ
### ତିନଟି ସାର ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନଟିସ ଜାରି କଲେ ତହସିଲଦାର



ବିଷମ କଟକ, (ମହାଭାରତ)ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଚାରିଟି ସାର ଗୋଦାମ ରେ ଅଚାନକ ଚଢ଼ାଉ ହୋଇଛି ।ସରାକାର ଙ୍କ ଧର୍ଯ୍ୟ ଦର ଠାରୁ ସାର କୁ ଚଡା ଦରରେ ବିକ୍ରି ହେଉଥିବା ସନ୍ଦେହ ରେ ଚାରିଟି ସ୍ଥାନ ର ଗୋଦାମ ଉପରେ ରେ ଏହି ଚଢ଼ାଉ କରାଯାଇଛି। ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡି ଙ୍କ ଅଦକ୍ଷତା ରେ ଏକ ଟିମ ଗଠନ କରି ଏହି ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ରେ ତହସିଲଦାର ଙ୍କ ସମେତ ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ ଏବଂ ପୁଲିସର ଏକ ଟିମ ଉପସ୍ଥିତି ରେ ବିଷମ କଟକ ସଦର ବ୍ଲକର କାମାକ୍ଷୀ ଏଣ୍ଟେରପ୍ରାଇସ, କୁମ୍ଭାରଢାମୁଣି ସଦର ପଞ୍ଚାୟତ ଅଜିତ କୁମାର ଚୌଧୁରୀ ଙ୍କ ଧବେଳେଶ୍ୱର ଏଣ୍ଟେର ପ୍ରାଇସ, ଦେବେନ୍ଦ୍ର ଗାଜବାଲି ଙ୍କ ଜାଗା କାଳିଆ ଏଣ୍ଟେରପ୍ରାଇସ ଏବଂ ଦୁର୍ଗୀ ସଦର ପଞ୍ଚାୟତର ନଳିନୀ କାନ୍ତ ପାଳ ଙ୍କ ପଦ୍ମାବତୀ ଏଣ୍ଟେରପ୍ରାଇସ ର ଏହି ସାର ଗୋଦାମରେ ଆଜି ସନ୍ଧ୍ୟା ସମୟ ରେ ଚଢ଼ାଉ ହେଇଥିଲା। ସାର ଗୋଦାମ ରେ କେତେ ପରିମାଣ ର ସାର ଗଚ୍ଛିତ ରହିଛି ସେ ନେଇ ଯାଞ୍ଚ କରିବା ସହ ସମସ୍ତ ନଥି ପତ୍ରକୁ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟ ରେ ବିଷମ କଟକ ସଦର ବ୍ଲକର କାମାକ୍ଷୀ ଏଣ୍ଟେରପ୍ରାଇସ ସାର ଷ୍ଟକ ସହ ସମସ୍ତ କାଗଜ ପତ୍ର ଠିକ ରହିଥିବା ବେଳେ କୁମ୍ଭାରଢାମୁଣି ସଦର ପଞ୍ଚାୟର ଧବେଳେଶ୍ୱର ଏଣ୍ଟେର ପ୍ରାଇସ, ଜଗା କାଳିଆ ଏଣ୍ଟେରପ୍ରାଇସ ଏବଂ ଦୁର୍ଗୀ ସଦର ପଞ୍ଚାୟତର ପଦ୍ମାବତୀ ଏଣ୍ଟେରପ୍ରାଇସର ସାର ଗୋଦାମ ର ଷ୍ଟକ ରେଜିଷ୍ଟର ଓ ଗଚ୍ଛିତ ସାରର କୌଣସି ତାଳମେଳ ନଥିବା ତଦନ୍ତ ବେଳେ ଜଣାପଡିଛି ତେଣୁ ଏହି ତିନି ସାର ବ୍ୟାବସାୟୀ ଙ୍କୁ ତହସିଲଦାର କାରଣ ଦର୍ଶାଅ ନଟିସ ଜାରି କରିଛନ୍ତି । ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ଦେବା ପାଇଁ ନଟିସ ରେ ଉଲ୍ଲେଖ କରହିଛି ।କେତେ ପରିମାଣ ର ସାର ଅଣା ଯାଇଥିଲା। କେଉଁ କେଉଁ ଚଷୀଙ୍କୁ ଏହି ସାର ବିକ୍ରି କରାଯଇଛି ଏବଂ ସମସ୍ତ ନଥିପତ୍ର ସମୟ ସୀମା ମଧ ରେ ଦେବା ପାଇଁ କୁହାଯାଇଛି। କାରଣ ଦର୍ଶାଅ ନଟିସ ଉତ୍ତର ସପ୍ତାହ ମଧ୍ୟରେ ନ ରଖିଲେ ଏହି ତିନି ସାର ବ୍ୟବସାୟୀ ଙ୍କ ଉପରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବା ନେଇ ତହସିଲଦାର ଶ୍ରୀ ରେଡି ସୂଚନା ଦେଇଛନ୍ତି।

## ବୁର୍ଲା ଇଞ୍ଜିନିୟରିଂ କଲେଜର ମେକାନିକାଲ ଇଞ୍ଜିନିୟର ଛାତ୍ରଙ୍କ ସନ୍ଦେହ ଜଣକ ମୃତ୍ୟୁ

ଦଶରଥପୁର, (ମହାଭାରତ): ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତସ୍ତ ନାରିଙ୍ଗା ଗ୍ରାମର ଲୋକନାଥ ଦାସଙ୍କ ପୁତ୍ର ଅଞ୍ଜନୀୟ ଦାସଙ୍କ ସନ୍ଦେହ ଜନକ ଭାବରେ ମୃତ୍ୟୁ ବରଣ କରିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ବୁର୍ଲାଠାରେ ମୃତ୍ୟୁ ଘଟିଥିବା ଅଞ୍ଜନୀୟଙ୍କ ପରିବାର ଘଟଣାର ତଦନ୍ତ ପାଇଁ ଓଡିଶା ସରକାର, ବିଂଝାରପୁର ବିଧାୟିକା, ଯାଜପୁର ସାଂସଦଙ୍କ ନିକଟରେ ଅନୁରୋଧ କରିଛନ୍ତି। ସେ ବୁର୍ଲା ଭିସୁଟ ଇଞ୍ଜିନିୟରିଙ୍ଗ କଲେଜରେ ମେକାନିକାଲ ଇଞ୍ଜିନିୟରିଙ୍ଗର ଶେଷ ବର୍ଷର ଛାତ୍ର ଭାବେ ଅଧ୍ୟୟନ ରତ ଥିଲେ ଅଞ୍ଜନୀୟଙ୍କ ମୃତ୍ୟୁ ଖବର ସମଗ୍ର ଦଶରଥପୁର ଅଞ୍ଚଳ ଶୋକର ଛାୟା ଖେଳି ଯାଇଛି। ଅଞ୍ଜନୀୟଙ୍କ ମୃତ୍ୟୁ ଖବର ପାଇ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ୍, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଯାଜପୁର ଜିଲ୍ଲା ପୂର୍ବତନ ବିଜେପି ସଭାପତି ଗୌତମ ରାୟ, ବିଂଝାରପୁର ବିଜେପି ନେତ୍ରୀ ବବିତା ମଲ୍ଲିକ୍, ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଆଦି କର୍ମ ଯୋଗୀ କର୍ମଶାଳା

ଦେବଗଡ଼(ମହାଭାରତ) :ଦେବଗଡ଼ ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ର ତିନି ଦିନିଆ ଜିଲ୍ଲା ସ୍ତରୀୟ କର୍ମଶାଳାକୁ ଆଜି ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଆଦି କର୍ମ ଯୋଗୀ ଅଭିଯାନ ର ଦେବଗଡ ଜିଲ୍ଲା ପ୍ରଭାରୀ ଶ୍ରୀ ଅରବିନ୍ଦ ମୁଦଗଲ, ପରିଦର୍ଶକ ଭାବେ କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ।

## ଜୋନାଲ ସ୍ତରୀୟ ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତା ଆରମ୍ଭ



ଆସିକା (ମହାଭାରତ): ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଆସିକା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦୁଇଟି ସ୍ଥାନରେ ଜୋନାଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସିକା ବ୍ଲକ ର କାଳକ୍ଷଣ୍ଡପୁର ମିନି ଷ୍ଟାଡିଅମ ଠାରେ ଆୟୋଜିତ କ୍ରୀଡା ପ୍ରତିଯୋଗିତା ରେ ଆସ୍କା ଏନ ଏ ସି,କାଳକ୍ଷଣ୍ଡପୁର, ନଳବ□ା ଏବଂ ହରିଡ଼ାପଦର କ୍ଲଷ୍ଟର ଅଧୀନରେ ଥିବା ପ୍ରଥମ ଶ୍ରେଣୀ ଠାରୁ ଦଶମ ଏବଂ ଯୁକ୍ତ ଦୁଇ ଶ୍ରେଣୀ ର ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ କାଳକ୍ଷଣ୍ଡପୁର ସରପଞ୍ଚ ଜୟନ୍ତୀ ବେହେରା,ଆସିକା ବିଇଓ ମୁନ ରାଣୀ ମହାନ୍ତି, ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ରିତାଞ୍ଜଳୀ ମହାପାତ୍ର,ଏବିଇଓ ବିଭୁ ନନ୍ଦନ ପଣ୍ଡା, ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ପଦ୍ମ ଚରଣ ବିଷୋୟୀ ଯୋଗ ଦେଇଥିଲେ କ୍ଷ ଆଜି ଦୌଡ଼, ଉଚ୍ଚ ଡିଆଁ,କବାଡି, ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଖେଳ ପରିଚାଳନା ରେ ବରିଷ୍ଠ କ୍ରୀଡା ଶିକ୍ଷକ ତଥା ଆସିକା ବ୍ଲକ କ୍ରୀଡା ସମ୍ପାଦକ କୈଳାସ ଚନ୍ଦ୍ର ଗୌଡ଼, ଇନ୍ଦିରା ଦାସ,ଏ. ସ୍ୱାତି, ପ୍ରମୁଖ ଖେଳ ପରିଚାଳନା କରିଥିଲେ । ସେହିଭଳି କେନ୍ଦୁପଦର ପ୍ରଗତି ବିଦ୍ୟା ପୀଠ ଠାରେ ସମକକ୍ଷତର ଭାବେ ବଡ଼ଖୋଲି, ନିମିନା ଓ କେନ୍ଦୁପଦର କ୍ଲଷ୍ଟର ମାନଙ୍କ ଅଧୀନରେ ଥିବା ସ୍କୁଲ, କଲେଜ, ଆଦର୍ଶ ବିଦ୍ୟାଳୟ ର ବିଦ୍ୟାର୍ଥୀ ମାନେ ମଧ୍ୟ ଏହି ପ୍ରତି ଯୋଗିତା ରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ଅଶୋକ କୁମାର କଁଅର, ନାରାୟଣ ମହାପାତ୍ର, ନବଘନ ବଦତ୍ୟା ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ରୀଡା ଶିକ୍ଷକ ଆନନ୍ଦ ପାତ୍ର, ପ୍ରମୁଖ କ୍ରୀଡା ଶିକ୍ଷକ ରୂପେ ଯୋଗ ଦେଇ ବିଦ୍ୟାର୍ଥୀ ମାନଙ୍କ କ୍ରୀଡା ରେ ସହଯୋଗ କରଥିଲେ । ଏହି ଜୋନ ସ୍ତରର ବିଜେତା ମାନେ ବ୍ଲକ ସ୍ତରୀୟ କ୍ରୀଡା ପେତିଯୋଗିତା ରେ ଅଂଶ ଗ୍ରହଣ କାର୍ଯ୍ୟକ୍ରମ ରହିଛି।

# ଦୂର ହେବ କେନ୍ଦୁଝର ସହରର ଟ୍ରାଫିକ ସମସ୍ୟା
## ବେଆଇନ ଜବରଦଖଲ ସ୍ଥାନରେ ହେବ ଗାଡି ପାର୍କିଂ



କେନ୍ଦୁଝର, (ମହାଭାରତ): ଦିନକୁ ଦିନ କେନ୍ଦୁଝର ସହରରେ ବଢିବାରେ ଲାଗିଛି ଟ୍ରାଫିକ ସମାସ୍ୟା ।ଏହାର ମୂଖ୍ୟ କାରଣ ଦେଉଛି ବେଆଇନ ପାର୍କିଂ ଓ ପାର୍କି ସୁବିଧା ନ ଥିବାରୁ ଲୋକ ମାନେ ରାସ୍ତାକଡ ରେ ଗାଡିକୁ ଠିଆ କରିବା ପାଇଁ ବାଧ୍ୟ ହେଉଛନ୍ତି। ଯାହା ଫଳରେ ଯାତାୟତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟିବାର ଅନେକ ନଜିର ରହିଛି। ଏହାକୁ ନଜର ରେ ରଖି କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ସହରର ଜନଗହଳି ପୂର୍ଣ୍ଣ ରାସ୍ତାରେ ଗତକାଲି ଠାରୁ ମାପ ଚୁପ ଆରମ୍ଭ ହୋଇଛି ।ଗାନ୍ଧି ଛକ ଠାରୁ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ଲାବଣ୍ୟ ଛକ ଠାରୁ ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ମାପ ଚୁପ କରାଯାଇ ବେଆଇନ ଜବରଦଖଲ ସ୍ଥାନ ଚିହ୍ନଟ କରାଯାଇ ପରବର୍ତ୍ତୀ ସମୟରେ ଉଚ୍ଛେଦ କରାଯିବ ବୋଲି ଉପ ଜିଲ୍ଲାପାଳ ଉମାଶଙ୍କର ଦଳାଇ ପ୍ରକାଶ କରିଛନ୍ତି । ଚିହ୍ନଟ ପରେ ସରକାରୀ ଜମିରେ ପାର୍କିଂ ବ୍ୟବସ୍ଥା କରାଯିବ । ଏହି ଚିହ୍ନଟ କାର୍ଯ୍ୟରେ କେନ୍ଦୁଝରଗଡ ପୌରପାଳିକାର ଏନ୍ଫୋର୍ସମେଂଟ ଅଫିସର ସୌମ୍ୟରଞ୍ଜନ ନାଏକ,ଟ୍ୟାକ୍ସ କଲେକ୍ଟର କୃପାସିନ୍ଧୁ ପ୍ରଧାନ,ସତ୍ୟନାରାୟଣ ପତି,ଅମିନ ଉଦୟନାଥ ମହାନ୍ତି,ଅମିନ ବରେନ୍ଦ୍ର ମହାନ୍ତ,କେନ୍ଦୁଝର ସଦର ଆରଆଇ ଶ୍ରୀକାନ୍ତ ମାଝୀ,ଏଆରଆଇ କ୍ଷମାନିଧି ନାଏକ,ହରିଚନ୍ଦନପୁର ତହସିଲ ବଡପଳାଶପାଳର ଆରଆଇ ଶରଣ କୁମାର ଦାସ,ଏଆରଆଇ ଜଗବନ୍ଧୁ ସାହୁ,ବାଂଶପାଳ ତହସିଲର ଅମିନ ପ୍ରିୟବ୍ରତ ନାଏକ ପ୍ରମୁଖ ସାମିଲ ଅଛନ୍ତି । ଗତ କାଲିଠାରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାର ପ୍ରଥମ ଦିନରେ ଗାନ୍ଧୀ ଛକ ଠାରୁ ଲାବଣ୍ୟଛକ ପର୍ଯ୍ୟନ୍ତ ମାପଚୁପ କରାଯାଇଛି ଏବଂ ଆଜି ଲାବଣ୍ୟଛକ ଠାରୁ ମଣ୍ଡୁଆ ପର୍ଯ୍ୟନ୍ତ ମାପଚୁପ ହେବ ବୋଲି ଜଣାପଡିଛି ।ଚିହ୍ନଟର ସମସ୍ତ ପ୍ରକ୍ରୀୟା ଆଇଏଏସ(ପ୍ରୋବେସନର) ପଓ୍ୱନ କୁମାରଙ୍କ ପ୍ରଶାସନିକ କ୍ଷମତା ଅଧିନରେ ସମାପ୍ତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି ଯ ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ବର୍ଦ୍ଧିତ ଲୋକସଂଖ୍ୟା ଏବଂ ଗାଡିମୋଟର ବୃଦ୍ଧି ପାଉଥିବାରୁ ଦୈନନ୍ଦିନ ଟ୍ରାଫିକ ସମସ୍ୟା ଦେଖାଦେଉଛି । ସହର ମଧ୍ୟରେ ଅନେକ ସମୟରେ ଟ୍ରାଫିକ ଜାମ ହୋଇ ଗାଡିମୋଟର ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଫସି ରହୁଛି। ବିଶେଷ କରି ଆମ୍ବୁଲାନ୍ସ,ଅଗ୍ନିଶମ ଗାଡି,ସ୍କୁଲ ଭ୍ୟାନ ଆଦି ଯାନବାହନ ଯାତାୟତ ବେଳେ ଜାମରେ ଫସି ରହୁଛି । ବିଶେଷ କରି ସହରରେ ଆଶାତୀତ ଭାବରେ ବଢି ଚାଲିଥିବା ଦୁଇ ଚକିଆ ଗାଡିସଂଖ୍ୟା । କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି । ପାର୍କିଂ ବ୍ୟବସ୍ଥା ନକରି ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବଢୁଛି । ସହରର ଯେଉଁ ଆଡକୁ ଗଲେ ଲୋକେ ରାସ୍ତା ଉପରେ ଗାଡି ମୋଟର ରଖି ନିଜ ନିଜ କାମରେ ଘଣ୍ଟା ଘଣ୍ଟା ରହୁଥିବାବେଳେ ରାସ୍ତାରେ ଗାଡିମୋଟର ଚଳାଚଳ କରିବା କଷ୍ଟକର ହେଉଛି । ସହରର ଡେଲି ମାର୍କେଟ ସମ୍ମୁଖରେ ଟ୍ରାଫିକ ସମସ୍ୟା ସବୁଠାରୁ ଚିନ୍ତା ଜନକ ହୋଇ ପଡିଛି। ବଜାରର ପ୍ରବେଶ ପଥରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପସରା ମେଲାଇ ବସୁ ଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ଅଧିକା ରହିଛି। ବଜାରକୁ ଆସୁଥିବା ଗ୍ରାହକମାନେ ନିଜ ନିଜର ଯାନବାହନ ଗୁଡିକ ପ୍ରବେଶ ପଥ ସମ୍ମୁଖରେ ବିନା ଦ୍ୱିଧାରେ ଥୋଇ ଦେଇ ଘଣ୍ଟା ଘଣ୍ଟା ବଜାର କରୁଛନ୍ତି ଯାହାକି ଦୁର୍ଘଟଣା କୁ ଆମନ୍ତ୍ରଣ କରୁଛି । ତେଣୁ ଏହି ରାସ୍ତାରେ ଗାଡିମୋଟର ଚଳପ୍ରଚଳ କରିବାରେ ଅନେକ ସମୟ ନଷ୍ଟ ହେଉଥିବାବେଳେ ଲୋକମାନେ ହଇରାଣ ହେଉଛନ୍ତି। କେନ୍ଦୁଝର ସହରରେ ରାସ୍ତା ପାଶ୍ୱର୍ରେ ବଡ ବଡ ବ୍ୟବସାୟିକ ଅଟ୍ଟାଳିକା ଥିବାବେଳେ ପାର୍କିଂ ପାଇଁ ସ୍ଥାନ ନଥିବାରୁ ରାସ୍ତାରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ରଖୁଛନ୍ତି ।ବିଲ୍ଡିଂ ପ୍ଲାନରେ ପାର୍କିଂ ପାଇଁ ସ୍ଥାନ ରହିଥିବାବେଳେ ବାସ୍ତବରେ ଏବେ ସେହି ପାର୍କିଂ ସ୍ଥାନରେ ଦୋକାନ ଘର ଚାଲିଛି। ଫଳରେ ମାର୍କେଟ କଂପ୍ଲେକ୍ସକୁ ଆସୁଥିବା ଗ୍ରାହକମାନେ ବାଧ ହୋଇ ରାସ୍ତା ଉପରେ ଗାଡି ରଖୁଛନ୍ତି । ପୌରପାଳିକା ପକ୍ଷରୁ ଏଭଳି ଭାବେ ନିୟମ ଉଲ୍ଲଘଂନ କରି ମାର୍କେଟ କଂପ୍ଲେକ୍ସ କରିଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନଥିଲା ଏବେ କିନ୍ତୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି । ତେବେ ଏହା ପ୍ରକୃତ ରେ କାର୍ଯ୍ୟକାରୀ ହେବନା ମାପଚୁପରେ ସିମୀତ ରହିବ ବୋଲି ବୁଦ୍ଧିଯିବି ମହଲ ରେ ଆଲୋଚନ ଯୋର ଧରିଛି।

# ପୋଲିସ ହେପାଜତରୁ ଫେରାର ହେଲେ ଆପ୍ ବିଧାୟକ



ପଞ୍ଜାବ, ୦୨/୦୯ : ଆପ୍ ବିଧାୟକ ହରମିତ ସିଂ ପୋଲିସକୁ ଗୁଳି କରି ଜେଲରୁ ଫେରାର ହୋଇଯାଇଛନ୍ତି । ବିଧାୟକଙ୍କୁ ଜଣେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ ପରେ ଗିରଫ କରାଯାଇଥିଲା । ତେବେ ପୋଲିସ ଥାନାକୁ ନେଇ ଯାଉଥିବା ବେଳେ ବିଧାୟକ ଜଣକ ଫେରାର ହୋଇଯାଇଛନ୍ତି । ଖବର ମୁତାବକ, ପଞ୍ଜାବର ଆପ ବିଧାୟକ ହରମିତ୍ ସିଂହ ପଠାଣମାଜରା ପୋଲିସ ହେପାଜତରୁ ଖସି ପଳାଇଛନ୍ତି । ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ବିଧାୟକଙ୍କୁ ଗିରଫ କରାଯାଇଥିଲା, ଯେଉଁଥିରେ ସେ ଅଗଷ୍ଟ ୨୫ ତାରିଖରେ ଭିଡିଓ ଲିକ୍ କରିବା ଏବଂ ତାଙ୍କୁ ହତ୍ୟା ଧମକ ଦେବାର ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଗିରଫ କରିବାକୁ ଯାଇଥିଲା କିନ୍ତୁ ଖବର ଜାଣିବା ମାତ୍ରେ ପଠାଣମାଜରା ପଞ୍ଜାବରୁ ହରିୟାଣା ପଳାଇ ସେଠାରେ ଲୁଚି ରହିଥିଲେ । ପୋଲିସ ହରିୟାଣାରେ ଚଢାଉ କରି ବିଧାୟକଙ୍କୁ ଗିରଫ କରି ସ୍ଥାନୀୟ ପୋଲିସ ଷ୍ଟେସନକୁ ନେଉଥିବା ବେଳେ ପଠାଣମାଜରା ଏବଂ ତାଙ୍କ ସହଯୋଗୀମାନେ ରାସ୍ତାରେ ପୋଲିସ ଉପରେ ଗୁଳି ଚଳାଇଥିଲେ । ଆପ୍ ବିଧାୟକ ହରମିତ ସିଂ ଏବଂ ତାଙ୍କ ସାଥି ଫେରାର ହେବା ସମୟରେ ପୋଲିସକୁ ଗୁଳିମାରିବା ସହିତ ଅନ୍ୟ ଜଣକୁ ଗାଡ଼ି ଚଢାଇ ଦେଇଛନ୍ତି । ଘଟଣାରେ ଜଣେ ପୋଲିସ ଆହତ ହୋଇଛନ୍ତି । ବିଧାୟକ ଏବଂ ତାଙ୍କ ସାଥି ଦୁଇଟି ଗାଡି ନେଇ ଫେରାର ହୋଇଯାଇଛନ୍ତି । ଗୋଟିଏ ଗାଡ଼ିକୁ ପୋଲିସ ଜବତ କରିଥିବା ବେଳେ ଅନ୍ୟ ଗାଡ଼ିରେ ବିଧାୟକ ଫେରାର ହୋଇଯାଇଛନ୍ତି । ପୋଲିସ ଟିମ୍ ବିଧାୟକଙ୍କ ପିଛା କରିଛି ।

# ପକ୍ଷୀ ମାଡ଼ ଯୋଗୁଁ ନାଗପୁରରେ ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ

ନାଗପୁର, ୦୨/୦୯ : ନାଗପୁରରୁ କୋଲକାତା ଯାଉଥିବା ଇଣ୍ଡିଗୋ ବିମାନର ଜରୁରୀକାଳୀନ ଅବତରଣ । ମଝି ଆକାଶରେ ବିମାନରେ ପକ୍ଷୀ ଧକ୍କା ହୋଇଥିଲା, ଯାହା ପରେ ପାଇଲଟ୍ ନାଗପୁରରେ ଜରୁରୀକାଳୀନ ଅବତରଣ କରିଥିଲେ । ଘଟଣା ସମୟରେ ବିମାନରେ ୨୭୨ ଜଣ ଯାତ୍ରୀ ଥିଲେ । ଆକାଶରେ ଏକ ପକ୍ଷୀ ସହିତ ଧକ୍କା ହେବା ଯୋଗୁ ବିମାନର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା । ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ବିପଦ ଟଳିଗଲା । ତେବେ ଘଟଣାରେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ଖବର ମୁତାବକ, ଇଣ୍ଡିଗୋର ନାଗପୁର-କୋଲକାତା ବିମାନ ନମ୍ବର ୬ଇ୮୧୨ ପକ୍ଷୀ ସହ ଧକ୍କା ହୋଇଥିଲା । ପକ୍ଷୀ ସହିତ ଧକ୍କା ହେବା ପରେ ବିମାନଟି ଥରିବାକୁ ଲାଗିଥିଲା । ଏହା ପରେ ଯାତ୍ରୀ ଭୟଭୀତ ହୋଇଯାଇଥିଲେ । ଯାତ୍ରୀମାନଙ୍କୁ ଶାନ୍ତ ରହିବାକୁ ନିବେଦନ କରାଯାଇଥିଲା । ପାଇଲଟ୍ ଉପସ୍ଥିତ ବୁଦ୍ଧି ଖଟାଇ ତୁରନ୍ତ ସୁରକ୍ଷିତ ଜରୁରୀକାଳୀନ ଅବତରଣ କରିଥିଲେ । ବିମାନଟି ଜରୁରୀ ଅବତରଣ କରିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଓହ୍ଲାଇ ଦିଆଯାଇଥିଲା । ବିମାନର ଜରୁରୀକାଳୀନ ଅବତରଣ ପରେ, ଏବେ ବରିଷ୍ଠ ବିମାନବନ୍ଦର ନିର୍ଦ୍ଦେଶକ ଆବିଦ ରୁହିଙ୍କ ବୟାନ ସାମ୍ନାକୁ ଆସିଛି । ଘଟଣାକୁ ନେଇ ଯାଞ୍ଚ ଚାଲିଛି ବୋଲି କହିଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ଜୁନ୍ ୨ ତାରିଖରେ ସମାନ ଘଟଣା ଘଟିଥିଲା । ପକ୍ଷୀ ଧକ୍କା ଦେବାରୁ ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚି ଯାଉଥିବା ଏକ ଇଣ୍ଡିଗୋ ବିମାନକୁ ଜରୁରୀକାଳୀନ ଅବତରଣ କରିବାକୁ ପଡିଥିଲା । ପକ୍ଷୀ ଧକ୍କା ଯୋଗୁ ଜରୁରୀକାଳୀନ ଅବତରଣ କରାଯାଇଥିଲା ଏବଂ ବିମାନରେ ଥିବା ସମସ୍ତ ୧୭୫ ଜଣ ଯାତ୍ରୀ ସୁରକ୍ଷିତ ଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟରେ କାନ୍ଦୁଛି ମାନବଜାତି, ଆଫଗାନିସ୍ତାନ ଏବଂ ସୁଡାନରେ ୨,୧୦୦ ଲୋକଙ୍କ ମୃତ୍ୟୁ ଆଶଙ୍କା

ଆଫଗାନିସ୍ତାନ, ୦୨/୦୯ : ସାରା ବିଶ୍ୱରେ ପ୍ରକୃତିର ପ୍ରକୋପ ଜାରି ରହିଛି । ପ୍ରକୃତି ବିଶ୍ୱର ଦୁଇଟି ଭିନ୍ନ ଭିନ୍ନ କୋଣରେ ତାର ଭୟଙ୍କର ରୂପ ଦେଖାଇଛି । ଆଫଗାନିସ୍ତାନରେ ହୋଇଥିବା ଶକ୍ତିଶାଳୀ ଭୂମିକମ୍ପରେ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ସେହିଭଳି, ସୁଦାନରେ ଭୂସ୍ଖଳନ ଯୋଗୁଁ ହଜାରରୁ ଅଧିକ ଲୋକ ପ୍ରାଣ ମଧ୍ୟ ହରାଇଛନ୍ତି । ଆଫଗାନିସ୍ତାନ ଏବଂ ସୁଦାନରେ ହୋଇଥିବା କ୍ଷୟକ୍ଷତିକୁ ମିଶାଇ, ଏପର୍ଯ୍ୟନ୍ତ ୨,୧୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଛି, ଯେତେବେଳେ ହଜାର ହଜାର ଲୋକ ଆହତ ଏବଂ ବାସହୀନ ହୋଇଛନ୍ତି । ଏହି ପ୍ରାକୃତିକ ବିପର୍ଯ୍ୟୟ ଏପରି ଯେ ମାନବଜାତି କାନ୍ଦୁଛି । ପୂର୍ବ ଅଞ୍ଚଳରେ କାବୁଲ ନିକଟରେ



। ରବିବାର ରାତିରେ ଆଫଗାନିସ୍ତାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା । ଏହି ଭୂମିକମ୍ପ ପୂର୍ବ ଆଫଗାନିସ୍ତାନରେ, ଯାହା କାବୁଲଠାରୁ ଦୂରରେ ନୁହେଁ । ଆଫଗାନିସ୍ତାନ ମିଡିଆ ଏବଂ ଗବେଷଣା କେନ୍ଦ୍ରର ମୁଖ୍ୟ ଅବଦୁଲ ଜବାର ବେହିର ଅଲ ଆରବିଆକୁ କହିଛନ୍ତି ଯେ ଏହି ଭୂମିକମ୍ପରେ ଅତି କମରେ ୧,୧୦୦ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୩,୫୦୦ରୁ ଅଧିକ ଆହତ ହୋଇଛନ୍ତି । ଭୂମିକମ୍ପର ତୀବ୍ରତା ୬.୦ ମାପ କରାଯାଇଥିଲା, ଯାହା ପାର୍ବତ୍ୟ ଅଞ୍ଚଳରେ ବ୍ୟାପକ ଧ୍ୱଂସ ଘଟାଇଥିଲା । ଘର ଭାଙ୍ଗି ଯାଇଥିଲା, ରାସ୍ତା ଭାଙ୍ଗି ଯାଇଥିଲା ଏବଂ ଅନେକ ଗାଁ ଯୋଗାଯୋଗରୁ ବିଚ୍ଛିନ୍ନ ମଧ୍ୟ ହୋଇଯାଇଥିଲା । ସେହି ସମୟରେ, ସୁଦାନର ପରିସ୍ଥିତି ଆହୁରି ଭୟଙ୍କର । ସୁଦାନ ମୁକ୍ତି ସେନା ସୋମବାର ଏକ ବିବୃତ୍ତି ଜାରି କରି କହିଛି ଯେ ପଶ୍ଚିମ ସୁଦାନର ମାରା ପର୍ବତ ଅଞ୍ଚଳର ଏକ ଗାଁରେ ଭୂସ୍ଖଳନ ଘଟି ଅତି କମରେ ୧,୦୦୦ ଲୋକଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରୁ କେବଳ ଜଣେ ବ୍ୟକ୍ତି ବଞ୍ଚି ଯାଇଛନ୍ତି । ଅଗଷ୍ଟ ୩୧ ତାରିଖରେ ଭୂସ୍ଖଳନ ଘଟଣା ଘଟିଥିଲା, ଯେତେବେଳେ କିଛି ଦିନ ଧରି ଲଗାତାର ପ୍ରବଳ ବର୍ଷା ହେବା ପରେ ପର୍ବତ ଅଞ୍ଚଳରେ ମାଟି ଖସି ଯାଇଥିଲା । ଏଥିସହ ସୁଦାନୀ ସେନା କହିଛି ଯେ ସମଗ୍ର ଗାଁ ମାଟିରେ ପୋତି ହୋଇଯାଇଛି, ଏବଂ ଏବେ ସେଠାରେ କିଛି ଆଉ ବାକି ନାହିଁ । ପୁରୁଷ, ମହିଳା ଏବଂ ପିଲା ସମସ୍ତେ ଏହାର ଶିକାର ହୋଇଛନ୍ତି ।

ଆଫଗାନିସ୍ତାନରେ ୬.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା, ଯେତେବେଳେ ସୁଦାନର ଦାରଫୁର ଅଞ୍ଚଳରେ ପ୍ରବଳ ବର୍ଷା ପରେ ଭୂସ୍ଖଳନ ଏକ ସମ୍ପୂର୍ଣ୍ଣ ଗାଁକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେଇଛି । ଏହି ବିପର୍ଯ୍ୟୟ କେବଳ ଜୀବନ ଏବଂ ସମ୍ପତ୍ତିର କ୍ଷତି କରିନାହିଁ, ବରଂ ପୂର୍ବରୁ ସମସ୍ୟାଗ୍ରସ୍ତ ଅଞ୍ଚଳରେ ମାନବିକ ସଙ୍କଟକୁ ଆହୁରି ଘନିଷ୍ଠ କରିଛି । ସର୍ବତେବେ ଆସନ୍ତୁ ପ୍ରଥମେ, ଆଫଗାନିସ୍ତାନରେ ଭୂମିକମ୍ପ ଯୋଗୁଁ ହୋଇଥିବା କ୍ଷୟକ୍ଷତି ବିଷୟରେ ଜାଣିବା

# ପଞ୍ଜାବ ବନ୍ୟାରେ ବୁଡ଼ିଗଲା ୧୩୦୦ ଗାଁ, ଅଢ଼େଇ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ

ପଞ୍ଜାବ, ୦୨/୦୯ : ଗତ ଗୋଟିଏ ମାସ ଧରି ପଞ୍ଜାବରେ ଗମ୍ଭୀର ବନ୍ୟା ସମସ୍ୟା ଦେଖାଦେଉଛି । ଅଗଷ୍ଟ ୧ ତାରିଖରୁ ରାଜ୍ୟରେ ବନ୍ୟା ଯୋଗୁଁ ୩୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨.୫୬ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ରାଜ୍ୟ ସରକାର ଏହାକୁ ଦଶନ୍ଧି ମଧ୍ୟରେ ସବୁଠାରୁ ଗମ୍ଭୀର ପ୍ରାକୃତିକ ବିପର୍ଯ୍ୟୟ ବୋଲି କହିଛନ୍ତି । ରାଜ୍ୟରେ ସତଲେଜ୍, ବ୍ୟାସ୍ ଏବଂ ରବି ନଦୀର ପ୍ରବାହିତ ହେବା ସହିତ ଋତୁକାଳୀନ ଡ୍ରେନରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଅନେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବନ୍ୟାର ସର୍ବାଧିକ ପ୍ରଭାବ ଅମୃତସରରେ ଦେଖାଯାଇଛି , ଯେଉଁଠାରେ ୩୫,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ଏହା ପରେ ଫିରୋଜପୁରରେ ୨୪,୦୧୫, ଫାଜିଲକାରେ ୨୧,୫୬୨, ପଠାନକୋଟରେ ପଠାନକୋଟରେ ୧୫,୦୫୩, ଗୁରୁଦାସପୁରରେ ୧୪,୫୦୦, ହୋସିଆରପୁରରେ ୧,୧୫୨, ଏସଏଏସ୍ ନଗରରେ ୭,୦୦୦, କପୁରଥଲାରେ ୫,୬୫୦, ମୋଗାରେ ୮୦୦, ଜଳନ୍ଧରରେ ୬୫୩, ମାନସାରେ ୧୬୩ ମାନସାରେ ୧୬୩ ଏବଂ ବର୍ଣ୍ଣାଲାରେ ୫୯ ଜଣ ପ୍ରଭାବିତ ହୋଇଛନ୍ତି । ଏଥିସହ ଜାଣିରଖନ୍ତୁ ଯେ, ପଞ୍ଜାବର ପ୍ରାୟ ୧୩୦୦ ଗାଁ ବନ୍ୟାରେ ବୁଡିଯାଇଛି । ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ହଜାର ହଜାର ଲୋକ ବାସହୀନ ହୋଇଛନ୍ତି ।

# ପ୍ରେମିକା ଫୋନ ବିଜି ଆସିଲା ବୋଲି, ସାରା ଗାଁ'ର ଲାଇନ କାଟିଦେଲା ପାଗଳ ପ୍ରେମିକ

ବିହାର, ୦୨/୦୯ : କେତେବେଳେ ପ୍ରେମ ଏକ ବଲିଉଡ୍ ଚଳଚ୍ଚିତ୍ର ସୈୟାରା ପରି ଅନୁଭବ ହୁଏ ତ ଆଉ କେତେବେଳେ ଓଲିଉଡ୍‌ର ପାଗଳ ପ୍ରେମୀ । ହଁ ଦର୍ଶକବନ୍ଧୁ ଆମେ ଏକଥା ଏଥିପାଇଁ କହୁଛୁ, ଏ ଦୃଶ୍ୟ ଦେଖିଲେ ଆପଣ ଆପେ ଆପେ ବୁଝିଯାଉଥିବେ । ବର୍ତ୍ତମାନ ଏକ ଭିଡିଓ ଅନଲାଇନରେ ବେଶ ଭାଇରଲ ହେଉଛି । ଯାହା କୌଣସି ଏକ ସିନେମା ଦୃଶ୍ୟଠାରୁ କମ ନୁହେଁ । ଏ ଦୃଶ୍ୟରେ ଡ୍ରାମା, ଟ୍ୱିଷ୍ଟ ଏବଂ ଅନେକ ଭାବାଭଙ୍ଗୀ ରହିଛି । ଦର୍ଶକବନ୍ଧୁ, ଏ ବ୍ୟକ୍ତି ଜଣକ କିପରି ଏକ ବିଦ୍ୟୁତ ଖୁଣ୍ଟି ଉପରକୁ ଚଢ଼ି ସବୁ ତାର ଗୁଡ଼ିକୁ କାଟି ଦେଉଛି । ତେବେ ସେ ଏପରି କାହିଁକି କରୁଛି ? କଣ କାରଣ ଅଛି ? ଘରେ ବିଦ୍ୟୁତ ନାହିଁ ନା ପାଗଳ ହୋଇଯାଇଛି ଏ ଲୋକ । ତଳେ ଛିଡା ହୋଇଥିବା ଲୋକ ଏଭଳି କିଛି ଭାବୁଥିବା ବେଳେ କିନ୍ତୁ ପ୍ରକୃତ କାରଣ ଥିଲା କିଛି ଅଲଗା । ତେବେ ଚାଲନ୍ତୁ ଜାଣିବା ପ୍ରକୃତ ଘଟଣା ସମ୍ପର୍କରେ । ଦର୍ଶକବନ୍ଧୁ, ହାତରେ ବଡ଼ ପ୍ଲାସ ଧରିଥିବା ବ୍ୟକ୍ତି ଜଣକ ଏକ ବିଦ୍ୟୁତ୍



ଖୁଣ୍ଟି ଉପରେ ଚଢ଼ିଛନ୍ତି ଆଉ ସବୁ ତାରଗୁଡ଼ିକୁ କାଟୁଥିବାର ଦେଖାଯାଉଛି । ଯାହା ଫଳରେ ସେହି ସମୟରେ ସେହି ଅଞ୍ଚଳର ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଯାଇଥିଲା । ଯେତେବେଳେ ତାଙ୍କର ଏ ବାଚାଳାମିର କାରଣ ଜଣା ପଡ଼ିଲା ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଲେ । କଥା ହେଲା ଯେ ତାଙ୍କ ପ୍ରେମିକାଙ୍କ ଫୋନ୍ କାହିଁକି ବ୍ୟସ୍ତ ଆସିଲା । ଫୋନ ବିଜି ଆସିବାରୁ ସେ ବିରକ୍ତ ହୋଇଯାଇଥିଲେ ଏବଂ ପରିସ୍ଥିତିକୁ ସ୍ୱାଭାବିକ କରିବା ପରିବର୍ତ୍ତେ, ସେ ଗାଁର ବିଦ୍ୟୁତ୍ କନେକ୍ସନ କାଟି ଦେଇ ନିଜର ହତାଶାକୁ ପରିପ୍ରକାଶ କରିଥିଲେ । ଯଦିଓ ଏ ଦୃଶ୍ୟଗୁଡ଼ିକ ଆଶ୍ଚର୍ଯ୍ୟଜନକ, କିନ୍ତୁ ଭିଡିଓର ସତ୍ୟତା ଏପର୍ଯ୍ୟନ୍ତ ଯାଞ୍ଚ କରାଯାଇ ନାହିଁ । ତଥାପି, ଏହା ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି ଏବଂ ୟୁଜର୍ସଙ୍କର ପ୍ରତିକ୍ରିୟା ମଧ୍ୟ ଜୋରସୋରରେ ଛୁଟୁଛି । ଜଣେ ୟୁଜର୍ସ କମେଣ୍ଟ କରିଛନ୍ତି, "ମୁଁ ବହୁତ ପ୍ରେମିକ ଦେଖିଛି, କିନ୍ତୁ ପ୍ରଥମ ଥର ପାଇଁ ମୁଁ ଜଣେ ଏଭଳି ପ୍ରେମିକକୁ ଦେଖୁଛି ଯିଏ ପ୍ରେମରେ ପାଗଳ ହୋଇଯାଇଛି । ଅନ୍ୟ ଜଣେ ୟୁଜର୍ସ କହିଛନ୍ତି, "ଆଶିକ୍ ଆପ୍ନି ନାସ୍ କାଟେ ହେ, ଇସନେ ଗାଓଁ କି ନାସ୍ କାଟ୍ ଦି । ଆଉ ଜଣେ ମନ୍ତବ୍ୟ ଦେଇଥିଲେ ଏହି ବ୍ୟକ୍ତି ବଲିଉଡ୍ ଚଳଚ୍ଚିତ୍ର ଦେଖିବା ବନ୍ଦ କରିଦେବା ଆବଶ୍ୟକ । କେତେକ ତାଙ୍କୁ "ସୈୟାରା" ଭଳି ଫିଲ୍ମ ସହିତ ତୁଳନା କରିଥିଲେ, ଯାହା ମୁକ୍ତିଲାଭ କରିବା ପରେ ଖୁବ ଲୋକପ୍ରିୟତା ସାଉଁଟିଥିଲା ଏବଂ ଥିଏଟରରେ ଏହି ଫିଲ୍ମରେ ହିରୋ ହିରୋଇନଙ୍କ ସମ୍ପୂର୍ଣ୍ଣ ନାଟକ ପାଇଁ ଭାବପ୍ରବଣ ହୋଇ ଦର୍ଶକ ଭାଙ୍ଗି ପଡ଼ିଥିଲେ । ଏବେ ଆପଣଙ୍କୁ ଜଣାଇଦେଉଛୁ ଯେ ଏହି ଘଟଣା ପ୍ରଥମ ଥର ହୋଇନାହିଁ ବରଂ ଆଗରୁ ମଧ୍ୟ ଏଭଳି ଘଟଣା ଘଟିଛି । ୨୦୨୨ ମସିହାରେ, ବିହାରର ପୂର୍ଣ୍ଣିଆ ଜିଲ୍ଲାର ଗଣେଶପୁର ଗାଁର ଜଣେ ବ୍ୟକ୍ତି ପ୍ରତିଦିନ ସନ୍ଧ୍ୟାରେ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେଉଥିଲେ, କେବଳ ଅନ୍ଧାରରେ ତାଙ୍କ ପ୍ରେମିକାଙ୍କୁ ଭେଟିବା ପାଇଁ । ଗାଁରେ ଦୁଇରୁ ତିନି ଘଣ୍ଟା ପାଇଁ ନିୟମିତ ଭାବରେ ବିଦ୍ୟୁତ୍ କାଟ ହେଉଥିଲା କିନ୍ତୁ ସମାନ ସମୟରେ ପଡ଼ୋଶୀ ଅଞ୍ଚଳରେ ବିଦ୍ୟୁତ୍ ଥିଲା । ଏହି ବାରମ୍ବାର ବିଭ୍ରାଟ ହେବା ପଛରେ ସ୍ଥାନୀୟ ଲୋକମାନେ ଜାଣିପାରି ଆଶ୍ଚର୍ଯ୍ୟ ହୋଇଗଲେ । ଶେଷରେ, ସେହି ବ୍ୟକ୍ତିଙ୍କ କାର୍ଯ୍ୟର ପର୍ଦ୍ଦାଫାସ ହୋଇଥିଲା ।

## ରୁଷକୁ ଧମକ ଦେଲେ ଟ୍ରମ୍ପ

ରୁଷ, ୦୨/୦୯ : ରୁଷକୁ ଟ୍ରମ୍ପଙ୍କ ଧମକ । ତୁରନ୍ତ ୟୁକ୍ରେନ ଯୁଦ୍ଧ ବନ୍ଦ ନ କଲେ ଅଧିକ ଟାରିଫ ଲଗାଇବାକୁ ଆମେରିକାର ଚେତାବନୀ । ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ ବେସେଣ୍ଟ ଏହି ସୂଚନା ଦେଇଛନ୍ତି । କହିଛନ୍ତି ୟୁକ୍ରେନରେ ଚାଲିଥିବା ସାମରିକ କାର୍ଯ୍ୟକଳାପ ପାଇଁ ରୁଷ ଉପରେ ଅଧିକ ପ୍ରତିବନ୍ଧ ଲଗାଇବାକୁ "ସମସ୍ତ ବିକଳ୍ପ ଟେବୁଲ୍ ଉପରେ ରହିଛି । ଏହି ବିବୃତ୍ତି ଡୋନାଲ୍ଡ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଆଲାସ୍କା ଶିଖର ସମ୍ମେଳନୀ ଓ ପରେ ହ୍ୱାଇଟ୍ ହାଉସ୍‌ରେ ୟୁରୋପୀୟ ନେତା ଏବଂ ୟୁକ୍ରେନ୍‌ର ରାଷ୍ଟ୍ରପତି ଜେଲେନସ୍କି ସହିତ ହୋଇଥିବା ଆଲୋଚନା ପରେ ଆସିଛି । ବେସେଣ୍ଟ କହିଛନ୍ତି ପୁଟିନ୍ ଶାନ୍ତିର ପଥ ଅନୁସରଣ କରିବାରୁ ବିପରୀତ କାମ କରିଛନ୍ତି । ୟୁକ୍ରେନରେ ରୁଷର ଆକ୍ରମଣ ଜାରି ରହିଛି । ଟ୍ରମ୍ପ ପ୍ରଶାସନ ଆସନ୍ତା ସପ୍ତାହରେ ପ୍ରତିବନ୍ଧ ଲଗାଇବାକୁ ଚିନ୍ତା କରିବ ବୋଲି ବେସେଣ୍ଟ କହିଛନ୍ତି । ଗତକାଲି ଟାରିଫ ନେଇ ଭାରତକୁ ପୁଣି ଟାର୍ଗେଟ କରିଥିଲେ ଟ୍ରମ୍ପ । ଭାରତ ସହ ବାଣିଜ୍ୟ ଏକପାଖିଆ ବିପର୍ଯ୍ୟୟ ବୋଲି କହିଥିଲେ । ସାଙ୍ଘାଇ ସହଯୋଗ ସଂଗଠନ ବୈଠକରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଠକ ପରେ ଅସନ୍ତୋଷ ଝାଡ଼ିଥିଲେ ଆମେରିକା ରାଷ୍ଟ୍ରପତି ।

# କଳା ଯାଦୁ ବାହାନାରେ ନାତିକୁ ମାରିଲା ଜେଜେ, ବସ୍ତାରୁ ଉଦ୍ଧାର ହେଲା ମୃତଶରୀର

ପ୍ରୟାଗରାଜ, ୦୨/୦୯ : ଅଖାରୁ ବାହାରିଲା ଖଣ୍ଡ ଖଣ୍ଡ ଶରୀର । କଳା ଯାଦୁ ବାହାନାରେ ନାତିକୁ ହତ୍ୟା କରିଦେଲା ଜେଜେ । ଶରୀରକୁ ଖଣ୍ଡ ଖଣ୍ଡ କରି ଫିଙ୍ଗି ଦେଲା । ପ୍ରୟାଗରାଜରୁ ଆସିଲା ଛାତି ଥରେଇଦେବା ଭଳି ଖବର । ପରିବାର ଉପରୁ ମନ୍ଦ ଛାଇ ହଟାଇବା ନାଁରେ, ଜଣେ ବ୍ୟକ୍ତି ନିଜ ନାତିକୁ ଠାକୁରଙ୍କ ଆଗରେ ମାରି ଦେଇଥିଲା । ମାତ୍ର ୧୭ ବର୍ଷର ପିଲା ପୀୟୁଷ ମଙ୍ଗଳବାର ସକାଳେ ସ୍କୁଲ ପାଇଁ ଘରୁ ବାହାରିଥିଲେ, କିନ୍ତୁ କିଛି ଘଣ୍ଟା ପରେ ତାଙ୍କ ମୃତଦେହ ଖଣ୍ଡ ଖଣ୍ଡ ଅବସ୍ଥାରେ ମିଳିଥିଲା । ଶିଢ୍ଵାଞ୍ଚଳରେ ଏକ ବସ୍ତାରୁ ଉଦ୍ଧାର ହୋଇଥିବା ଶରୀର ପୀୟୁଷ ବୋଲି ଚିହ୍ନଟ କରାଯାଇଥିଲା । ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଏକାଦଶ ଶ୍ରେଣୀ ଛାତ୍ର ପୀୟୁଷ ଓରଫ ଯଶଙ୍କ ହତ୍ୟାକାଣ୍ଡ ସମଗ୍ର ସହରକୁ ଥରାଇ ଦେଇଥିଲା । କୌଣସି ଶତ୍ରୁତା କିମ୍ବା ଡକାୟତି ଯୋଗୁଁ ନୁହେଁ ବରଂ କଳାଯାଦୁ ଏବଂ ଅନ୍ଧବିଶ୍ୱାସ ପାଇଁ ଜଣେ ନିର୍ଦ୍ଦୋଷ ଶିଶୁକୁ ହତ୍ୟା କରାଯାଇଥିଲା । ହତ୍ୟାକାରୀ ବାହାର ଲୋକ ନଥିଲେ ବରଂ ତାଙ୍କର ଜଣେ ସମ୍ପର୍କୀୟ ଜେଜେ ଥିଲେ । ସେ ପୀୟୁଷଙ୍କୁ ତାଙ୍କ ନିଜ ଘରର ଦେବତାଙ୍କ ସାମ୍ନାରେ ମାରିଦେଇଥିଲେ ଏବଂ ପରେ



ଶରୀରକୁ ଖଣ୍ଡ ଖଣ୍ଡ କରି ନଷ୍ଟ କରିବାକୁ ଚେଷ୍ଟା କରିଥିଲେ । ଅଭିଯୁକ୍ତ ବର୍ତ୍ତମାନ ପୋଲିସ ହେପାଜତରେ ଅଛି । ରବିବାର ଦିନ, ପୋଲିସ ଅଭିଯୁକ୍ତକୁ ଉସୁକାଇଥିବା ତାନ୍ତ୍ରିକକୁ ମଧ୍ୟ ଗିରଫ କରିଛି । ତାଙ୍କର ନାମ ମୁନ୍ନା ଲାଲ । ପଚରାଉଚରା ସମୟରେ ସେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛି । ସେ ସ୍ୱୀକାର କରିଛି ଯେ ସେ ମୁଖ୍ୟ ଅଭିଯୁକ୍ତ ଶରଣ ସିଂହକୁ ବୁଝାଇଥିଲା ଯେ ପୀୟୁଷଙ୍କ ବାପାଙ୍କ ଦୁଷ୍ଟ ଆତ୍ମା ??ତାଙ୍କ ଘରେ ପଶିଛି । ତାଙ୍କୁ ଦୂର କରିବା ପାଇଁ, ପୀୟୁଷଙ୍କୁ ବଳି ଦେବାକୁ ପଡିବ ଏବଂ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଫିଙ୍ଗି ଦେବାକୁ ପଡିବ । ୨୬ ଅଗଷ୍ଟ ସକାଳେ, ପୀୟୁଷ ସବୁଦିନ ପରି ସ୍କୁଲକୁ ବାହାରିଥିଲେ, କିନ୍ତୁ ହଠାତ୍ ରାସ୍ତାରେ ନିଖୋଜ ହୋଇଗଲେ । ପରିବାର ଲୋକେ ତାଙ୍କୁ ଖୋଜିବାରେ ବ୍ୟସ୍ତ ଥିଲେ, ଯେତେବେଳେ ଅପରାହ୍ନରେ ସେମାନେ ସୂଚନା ପାଇଲେ ଯେ ଶିଢ୍ଵାଞ୍ଚଳରେ ଏକ ବସ୍ତା ଭିତରେ ଏକ ମଣିଷ ଶରୀର ମିଳିଛି, ପୋଲିସକୁ ତୁରନ୍ତ ସୂଚନା ଦିଆଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହକୁ ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଥିଲା । ଅଞ୍ଚଳର ସିସି କ୍ୟାମେରାର ଫୁଟେଜ୍ ଯାଞ୍ଚ କରାଯାଇଥିଲା ଏବଂ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯାଇଥିଲା । ପ୍ରାୟ ୨୦୦ ସିସିଟିଭି ଫୁଟେଜ ସ୍କାନ କରିବା ପରେ, ପୋଲିସ ଏକ ସ୍କୁଟି ଦେଖିଲା । ଏହି ସ୍କୁଟି ସାଦିଆପୁରର ବାସିନ୍ଦା ପ୍ରଫର୍ଟି ଡିଲର ଶରଣ ସିଂହଙ୍କର ଥିଲା । ଯେତେବେଳେ ତାଙ୍କୁ ହେପାଜତକୁ ନିଆଯାଇ କଡ଼ା ପଚରାଉଚରା କରାଯାଇଥିଲା, ସେ ଭୟଙ୍କର ସତ୍ୟ ପ୍ରକାଶ କରିଥିଲେ । ଏହାପରେ ସେ କହିଥିବା ହତ୍ୟା କାହାଣୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ଶରଣ ସିଂହ ପୀୟୁଷଙ୍କ ସମ୍ପର୍କୀୟ ଜେଜେ ଥିଲେ । କିଛିଦିନ ପୂର୍ବରୁ ତାଙ୍କ ଝିଅ ଏବଂ ପୁଅ ଜୀବନ ହାରିଥିଲେ । ଏହି ଦୁଇ ଦୁଃଖଦ ଘଟଣା ଯୋଗୁଁ ଭାଙ୍ଗି ପଡ଼ିଥିବା ଶରଣ ସିଂହ ନିଶ୍ଚିତ ହୋଇଥିଲେ ଯେ ତାଙ୍କ ପରିବାର ଉପରେ କେହି କଳାଯାଦୁ କରିଛି । ଏହି ଚିନ୍ତାଧାରା ମନରେ ରଖି ସେ ତାନ୍ତ୍ରିକ ମୁନ୍ନାଙ୍କ ସଂସ୍ପର୍ଶରେ ଆସିଥିଲେ । ମୁନ୍ନା ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଗ୍ରହଦୋଷ ଏବଂ ଅନ୍ଧାର ଛାୟାରୁ ମୁକ୍ତି ପାଇବା ପାଇଁ ଜଣେ ସମ୍ପର୍କୀୟଙ୍କ ସନ୍ତାନକୁ ଦେବତାଙ୍କ ସାମ୍ନାରେ ମାରି ଦେବାକୁ ପଡିବ । ଶରଣ ସନ୍ଦେହ କରିଥିଲେ ଯେ ତାଙ୍କ ଶାଳୀ, ଅର୍ଥାତ୍ ପୀୟୁଷଙ୍କ ଜେଜେମା କଳାଯାଦୁ କରିଛନ୍ତି । ଅନ୍ଧବିଶ୍ୱାସର ପ୍ରଭାବରେ ସେ ପୀୟୁଷଙ୍କୁ ଟାର୍ଗେଟ କରିଥିଲେ । ୨୬ ଅଗଷ୍ଟରେ, ଶରଣ ସିଂହ କୌଣସି ବାହାନାରେ ପୀୟୁଷଙ୍କୁ ତାଙ୍କ ଘରକୁ ଡାକିଥିଲେ । ପୂଜା ଘରେ ପୂର୍ବରୁ ପିୟୁଷଙ୍କୁ ମାରିବା ପାଇଁ ସାମଗ୍ରୀ ପ୍ରସ୍ତୁତ ରଖାଯାଇଥିଲା । ଏଠାରେ ସେ ପୀୟୁଷଙ୍କୁ ପଛରୁ ଆକ୍ରମଣ କରି ବେହୋସ କରିଦେଲେ ଏବଂ ତା'ପରେ ଏକ ତକିଆ ସାହାଯ୍ୟରେ ତାଙ୍କୁ ଶ୍ୱାସରୁଦ୍ଧ କରିଦେଲେ । ଏହା ପରେ, ସେ ଏକ ମାରଣାସ୍ତ୍ରରେ ତାଙ୍କ ମୁଣ୍ଡ ଏବଂ ହାତ ଏବଂ ଗୋଡ କାଟି ତନ୍ତ୍ର ପୂଜା କରିଚାଲିଲେ । ଏହାପରେ ମୃତ ଶରୀରର ବିଭିନ୍ନ ଅଂଶକୁ ପଲିଥିନରେ ପ୍ୟାକ୍ କରି ବିଭିନ୍ନ ସ୍ଥାନରେ ଫିଙ୍ଗି ଦେଇଥିଲେ । ତାଙ୍କ ଶରୀରର ମୁଣ୍ଡ, ହାତ ଏବଂ ପାଦ ରସୁଲପୁର ଏବଂ ଅତରସୂୟା ଅଞ୍ଚଳରେ ଫିଙ୍ଗି ଦିଆଯାଇଥିଲା, ଯେତେବେଳେ ଶିଢ୍ଵାଞ୍ଚଳରେ ଏକ ବସ୍ତା ଭିତରେ ତାଙ୍କ ଶରୀର ମିଳିଥିଲା । ଅପରାଧକୁ ଲୁଚାଇବା ପାଇଁ ଶରଣ ୧୦୦ ରୁ ଅଧିକ ଧୂପକାଠି ଜାଳିଥିଲେ ଏବଂ ଘରେ ଅତର ସ୍ପ୍ରେ କରିଥିଲେ । କିନ୍ତୁ ପୋଲିସ ଜୋରଦାର ତଦନ୍ତ କରି ସିସିଟିଭି ସାହାଯ୍ୟରେ ୨୪ ଘଣ୍ଟା ମଧ୍ୟରେ ଶରଣ ସିଂହଙ୍କୁ ଗିରଫ କରିଥିଲା । ତାଙ୍କ ସୂଚନା ଅନୁଯାୟୀ, ପୀୟୁଷଙ୍କ ମୁଣ୍ଡ ଏବଂ ଶରୀରର କିଛି ଅଂଶ ଉଦ୍ଧାର କରାଯାଇଥିଲା । ଏହା ସହିତ, ପୋଲିସ ତାନ୍ତ୍ରିକ ମୁନ୍ନାକୁ ମଧ୍ୟ ଗିରଫ କରିଥିଲା । ପଚରାଉଚରା ସମୟରେ ଜଣାପଡିଥିଲା ଯେ ମୁନ୍ନା ପିୟୁଷଙ୍କୁ ମାରିବାକୁ ସବୁ ପ୍ଲାନିଂ କରିଥିଲା । ପ୍ରୟାଗରାଜର ଏହି ମାମଲା କେବଳ ସମଗ୍ର ରାଜ୍ୟ ପାଇଁ ନୁହେଁ ବରଂ ସମଗ୍ର ଦେଶକୁ ଆଘାତ ଦେଇଛି ।

# ରାଜନୀତି ପାଇଁ ପରିବାରରେ ଫାଟ



ତେଲଙ୍ଗାନା : ତେଲଙ୍ଗାନା ରାଜୀନତିକୁ ନେଇ ବଡ଼ ଖବର । ରାଜନୀତି ପାଇଁ ପରିବାରରେ ଫାଟ । ଦଳରୁ ଝିଅକୁ ବିଦା କଲେ ବାପା । ଭାରତ ରାଷ୍ଟ୍ର ସମିତି (ଈଜଝ) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ ଝିଅ କେ. କବିତାଙ୍କୁ ନିଲମ୍ବନ କରିଛନ୍ତି । କବିତାଙ୍କ ମନ୍ତବ୍ୟ ଓ ଦଳ ବିରୋଧୀ ଆଭିମୁଖ୍ୟ ପାଇଁ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କେସିଆର । ଦଳ ଭିତରେ କ୍ଷମତାକୁ ନେଇ କେଟିଆର ଓ କେସିଆରଙ୍କ ମଧ୍ୟରେ ଗତ କିଛି ମାସ ଧରି ଶୀତଳ ଯୁଦ୍ଧ ଲାଗି ରହିଥିଲା । ଗତକାଲି ବିଆରଏସର ବରିଷ୍ଠ ନେତା ଟି ହରିଶ ରାଓ ଓ ପୂର୍ବତନ ସାଂସଦ ମେଘା କ୍ରିଷ୍ଣା ରେଡ୍ଡୀଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି କହିଥିଲେ କବିତା । ଏହାସହ ତାଙ୍କୁ ଦଳରୁ ସାଇଡଲାଇନ କରିବାରେ ହରିଶ ରାଓ ଏବଂ ସନ୍ତୋଷ କୁମାର ଷଡ଼ଯନ୍ତ୍ର କରିଥିବା କହିଥିଲେ । ଏହାର ଦିନକ ପରେ ଦଳୀୟ ଶୃଙ୍ଖଳା ଭଙ୍ଗ ନେଇ ନିଲମ୍ବନ କରିଛନ୍ତି କେସିଆର । ତେବେ ରାଜନୀତି ପାଇଁ ପରିବାରରେ ବିବାଦ ନୂଆ ନୁହେଁ । କିଛି ମାସ ପୂର୍ବରୁ ଆରଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ ବଡ଼ପୁଅ ତେଜପ୍ରତାପଙ୍କୁ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଦଳରୁ ୬ବର୍ଷ ପାଇଁ ବହିଷ୍କାର କରିଛନ୍ତି । ସେହିପରି ଆନ୍ଧ୍ରପ୍ରଦେଶରେ ୱାଇଏସଆରସିପି ମୁଖ୍ୟ ଜଗନ ମୋହନ ରେଡ୍ଡୀଙ୍କୁ କଡ଼ା ଟକ୍କର ଦେଉଛନ୍ତି ଭଉଣୀ ୱାଇ ଏସ ଶର୍ମିଳା । ଶର୍ମିଳା ଆନ୍ଧ୍ର ପ୍ରଦେଶ କଂଗ୍ରେସର ମୁଖ୍ୟ ଥିବା ବେଳେ ଜଗନ ସରକାର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ।

# ଆଉ ଟି-୨୦ ଖେଳିବେନି ଷ୍ଟାର୍କ

ସିଡନୀ, ୨।୯: ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୫ ବର୍ଷୀୟ ଷ୍ଟାର୍କ କହିଛନ୍ତି, ସେ ଭାରତର ଟେଷ୍ଟ ଗସ୍ତ, ଆଶେସ ଏବଂ ୨୦୨୭ ଦିନିକିଆ ବିଶ୍ବକପକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି। ସେ ଜୁନ ୨୦୨୪ରେ ଭାରତ ବିପକ୍ଷରେ ଶେଷ ଟି-୨୦ ଖେଳିଥିଲେ।

ମିଚେଲ ଷ୍ଟାର୍କ କହିଛନ୍ତି, ଟେଷ୍ଟ କ୍ରିକେଟ ସର୍ବଦା ମୋର ପ୍ରାଥମିକତା ରହିଆସିଛି। ମୁଁ ଅଷ୍ଟ୍ରେଲିଆ ପାଇଁ ଖେଳିଥିବା ପ୍ରତ୍ୟେକ ଟି-୨୦ ମ୍ୟାଚ୍‌ର ପ୍ରତ୍ୟେକ ମିନିଟ୍‌କୁ ଉପଭୋଗ କରିଥିଲି, ବିଶେଷକରି ୨୦୨୧ ବିଶ୍ୱକପ୍‌ରେ କେବଳ ଆମେ ଟାଇଟଲ ଜିତିବା ପାଇଁ ନୁହେଁ, ବରଂ ଆମର ଦଳ ଚମତ୍କାର ଥିଲା



ଏବଂ ସେହି ସମୟରେ ଆମେ ବହୁତ ମଜା କରିଥିଲୁ। ପରବର୍ତ୍ତୀ ବର୍ଷ ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆର ଏକ ବ୍ୟସ୍ତ କାର୍ଯ୍ୟସୂଚୀ ରହିଛି। ଏଥିରେ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ, ଦକ୍ଷିଣ ଆଫ୍ରିକା ଗସ୍ତ, ନ୍ୟୁଜିଲାଣ୍ଡ ବିପକ୍ଷ ୪ ମ୍ୟାଚ୍‌ର ସିରିଜ ଅନ୍ତର୍ଭୁକ୍ତ ଜାନୁଆରୀ ୨୦୨୭ରେ, ଅଷ୍ଟ୍ରେଲିଆ ଭାରତ ଗସ୍ତରେ ୫ ଟେଷ୍ଟ ସିରିଜ ଖେଳିବ, ଯାହା ଆଇସିସି ବିଶ୍ବ ଟେଷ୍ଟ ଚାମ୍ପିଅନସିପ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ। ଏହା ପରେ, ଦିନିକିଆ ବିଶ୍ୱକପ ୨୦୨୭ ଦକ୍ଷିଣ ଆଫ୍ରିକା, ନାମିବ୍ୟା ଏବଂ ଜିମ୍ବାବେରେ ଅନୁଷ୍ଠିତ ହେବ, ଏଥିରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଡିଫେଣ୍ଡିଂ ଚାମ୍ପିଅନ ଭାବରେ ପ୍ରବେଶ କରିବ। ଷ୍ଟାର୍କ ଟେଷ୍ଟ ଏବଂ ଦିନିକିଆକୁ ପ୍ରାଥମିକତା ଦେଇ ୨୦କୁ ବିଦାୟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମିଚେଲ ଷ୍ଟାର୍କ କହିଛନ୍ତି, ଭାରତୀୟ କ୍ରିକେଟ ଦଳ ବିପକ୍ଷରେ ଟେଷ୍ଟ ସିରିଜ, ଆଶେସ ଏବଂ ତାପରେ ୨୦୨୭ରେ ଦିନିକିଆ ବିଶ୍ବକପ। ମୁଁ ଭାବୁଛି ନିଜକୁ ଫିଟ ରଖିବା ଏବଂ ଏହି ଟୁର୍ନାମେଣ୍ଟଗୁଡ଼ିକରେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବା ପାଇଁ ଏହା ଠିକ। ଏହା ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ୨୦ ବିଶ୍ୱକପ ପାଇଁ ପ୍ରସ୍ତୁତ ହେବା ପାଇଁ ନୂତନ ବୋଲିଂ ୟୁନିଟକୁ ମଧ୍ୟ ପର୍ଯ୍ୟାପ୍ତ ସମୟ ଦେବ।

ଷ୍ଟାର୍କ ସେପ୍ଟେମ୍ବର ୨୦୧୨ରେ ପାକିସ୍ତାନ ବିପକ୍ଷରେ ତାଙ୍କର ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ତାଙ୍କର ଶେଷ ଟି-୨୦ ମ୍ୟାଚ ଭାରତ ବିପକ୍ଷରେ ଥିଲା, ଯାହା ସେ ଜୁନ ୨୪, ୨୦୨୪ରେ ଖେଳିଥିଲେ। ୧୨ ବର୍ଷର କ୍ୟାରିୟରରେ, ମିଚେଲ ଷ୍ଟାର୍କ ୬୫ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ ଖେଳିଥିଲେ। ଏଥିରେ ତାଙ୍କ ନାମରେ ୭୯ଟି ଉଇକେଟ ରହିଛି।

## ଭୁବନେଶ୍ୱରରେ ହେବ ୨୦ ଫୁଟବଲ୍ ପଡ଼ିଆ

ଭୁବନେଶ୍ୱର, ,୨।୯: ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ୪୩ ତମ ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ବାସିନ୍ଦାଙ୍କୁ ଭେଟି। ଫୁଟବଲ ଖେଳିବା ପାଇଁ ଭୁବନେଶ୍ୱରରେ ତିଆରି ହେବ ୨୦ଟି ଫୁଟବଲ ପଡ଼ିଆ। କଳିଙ୍ଗ ବିହାର କେ ୯ ବିରେ ଥିବା ଏହିପରି ଏକ ପଡିଆରେ ଆଜି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍ଘାଟନ କରିଛନ୍ତି। ମାସେ ଭିତରେ ଏହିଭଳି ୨୦ଟି ଖେଳ ପଡିଆ ଉଦଘାଟନ ହେବ ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ। କଳିଙ୍ଗ ନଗରରେ ଉଦ୍ଘାଟନ ହୋଇଥିବା ପଡିଆ ୫ କୋଟି ୫୦ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଛି। ପାର୍କଟି ୧.୩୬ ଏକର ଓ ଖେଳପଡ଼ିଆ ୨.୩୦ ଏକର ଜାଗାରେ ନିର୍ମାଣ ହୋଇଛି। ଖେଳ ପଡିଆ ଓ ପାର୍କ ଉଦଘାଟନ ପରେ ବୃକ୍ଷ ରୋପଣ କରିଥିଲେ ମନ୍ତ୍ରୀ ।

## ୭୦ହଜାର ପେନସନ ପାଆନ୍ତି ଧୋନୀ

ନୂଆଦିଲ୍ଲୀ, ୨।୯: ଏମଏସ ଧୋନି ୨୦୨୦ରେ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରର ଅନ୍ତ ଘଟାଇଥିଲେ। କିନ୍ତୁ ବିସିସିଆଇ ଅବସରପ୍ରାପ୍ତ କ୍ରିକେଟରମାନଙ୍କୁ ପେନସନ ଦେଇଥାଏ। ତେବେ କ'ଣ ଧୋନିଙ୍କୁ ଏହି ପେନସନର ଲାଭ ମିଳେ? ପୂର୍ବତନ ପ୍ରଥମ ଶ୍ରେଣୀ ଖେଳାଳିମାନଙ୍କୁ ପ୍ରତି ମାସରେ ୩୦ ହଜାର ଟଙ୍କା ପେନସନ ମିଳେ। ସେହି ସମୟରେ, ପୂର୍ବତନ ଟେଷ୍ଟ ଖେଳାଳିମାନଙ୍କୁ ୬୦ ହଜାର ଟଙ୍କା ପେନସନ ମିଳେ। ଯେହେତୁ ଏମଏସ ଧୋନି ଭାରତ ପାଇଁ ୨୫ ରୁ ଅଧିକ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି, ସେ ତାଙ୍କ କ୍ୟାରିୟରରେ ଅନେକ ବଡ଼ ସଫଳତା ହାସଲ କରିଛନ୍ତି। ତେଣୁ, ତାଙ୍କୁ ପ୍ରତି ମାସରେ ୭୦,୦୦୦ ଟଙ୍କା ପେନସନ ମିଳିଥାଏ।

## ଟେଷ୍ଟ କ୍ରିକେଟ୍‌ରୁ ବ୍ରେକ୍ ନେଲେ ଓଭରଟନ

ଲଣ୍ଡନ, ୨।୯: ଇଂଲଣ୍ଡ ପେସର ଜେମି ଓଭର୍ଟନ ଟେଷ୍ଟ ତଥା ରେଡ୍-ବଲ କ୍ରିକେଟରୁ ଅନିଶ୍ଚିତ କାଳ ପାଇଁ ବ୍ରେକ୍ ନେଇଛନ୍ତି। ସମସ୍ତ ଫର୍ମାଟରେ ଖେଳିବା ତାଙ୍କ ଲାଗି ସମ୍ଭବ ନଥିବାରୁ ସେ ଏହି ନିଷ୍ପତ୍ତି ନେଇଥିବା କରିଛନ୍ତି। ୩୧ ବର୍ଷୀୟ ପେସର ମାତ୍ର ୨ଟି ଟେଷ୍ଟ ଖେଳିଛନ୍ତି। ଉଭୟ ମ୍ୟାଚ୍ ସେ ଗତ ମାସରେ ଶେଷ ହୋଇଥିବା ଭାରତ ବିପକ୍ଷ ୫



ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଖେଳିଥିଲେ।

ଚିନ୍ତା କରିବା ପରେ ମୁଁ ରେଡ୍ ବଲ କ୍ରିକେଟ୍‌ରୁ ଅନିଶ୍ଚିତ କାଳ ପାଇଁ ବ୍ରେକ୍ ନେବାକୁ ନିଷ୍ପତ୍ତି ନେଇଛନ୍ତି। ମୋ କ୍ୟାରିୟରର ଏହି ପର୍ଯ୍ୟାୟରେ ୧୨ ମାସର କ୍ରିକେଟ୍ କ୍ୟାଲେଣ୍ଡରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ସ୍ତରରେ ସମସ୍ତ ଫର୍ମାଟ ଲାଗି ଶାରୀରିକ ଓ ମାନସିକ ଭାବେ ପ୍ରତିବଦ୍ଧ ହେବା ସମ୍ଭବ ନୁହେଁ। ମୁଁ ଆଗକୁ ହ୍ୱାଇଟ୍-ବଲ କ୍ରିକେଟ୍ ଉପରେ ଫୋକସ୍ କରିବି ଏବଂ ଯଥା ସମ୍ଭବ ଶୀର୍ଷ ସ୍ତରରେ ଖେଳିବା ପାଇଁ ଯାହା କରିବା ଦରକାର କରିବି ବୋଲି ଓଭର୍ଟନ କହିଛନ୍ତି। ୨୦୨୨ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଓଭର୍ଟନ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୬ ଦିନିକିଆ ଓ ୧୨ ଟି୨୦ ମ୍ୟାଚ୍ ଖେଳିଛନ୍ତି।

## ଅବସର ନେଲେ ପାକ୍ କ୍ରିକେଟର ଆସିଫ ଅଲି

ଇସଲାମାବାଦ, ୨।୯: ପାକିସ୍ତାନର ବ୍ୟାଟ୍ସମ୍ୟାନ ଆସିଫ ଅଲି ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି ୩୩ ବର୍ଷୀୟ ଆସିଫ ୨୧ ଟି ଦିନିକିଆ ଏବଂ ୫୮ ଟି୨୦ ମ୍ୟାଚ ଖେଳିଛନ୍ତି, ମୁଖ୍ୟତଃ ମଧ୍ୟକ୍ରମରେ ଫିନିସର ଭାବରେ ଜଣେ ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ, ତାଙ୍କର ସବୁଠାରୁ ପ୍ରସିଦ୍ଧ ଇନିଂସ ହେଉଛି ୨୦୨୧ ଟି୨୦ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ଏକ ସଂଘର୍ଷପୂର୍ଣ୍ଣ ବିଜୟରେ ସାତ ବଲରେ ୨୫ ରନ କରିଥିଲେ



ପାକିସ୍ତାନ ଜର୍ସି ପିନ୍ଧିବା ମୋ ଜୀବନର ସର୍ବୋତ୍ତମ ସମ୍ମାନ ଏବଂ କ୍ରିକେଟ କ୍ଷେତ୍ରରେ ମୋ ଦେଶ ସେବା କରିବା ମୋର ସବୁଠାରୁ ଗର୍ବର ଅଧ୍ୟାୟ। ସେ ଏକ ସୋସିଆଲ ମିଡିଆ। ପୋଷ୍ଟରେ କହିଛନ୍ତି ଆସିଫ ନିଶ୍ଚିତ କରିଛନ୍ତି ଯେ ସେ ଘରୋଇ କ୍ରିକେଟ ଏବଂ ବିଶ୍ୱର ଫ୍ରାଞ୍ଚାଇଜ ଲିଗ ଖେଳିବେ ସେ ପାକିସ୍ତାନ ଦଳର ଅଂଶ ଥିଲେ ଯିଏ ୨୦୨୨ ରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପର ଫାଇନାଲ ଏବଂ ୨୦୨୧ରେ ସେମିଫାଇନାଲରେ ପହଞ୍ଚିଥିଲା।

୨୦୧୮ରେ ଇସଲାମାବାଦ ୟୁନାଇଟେଡ କୁ ପିଏସଏଲ ଜିତିବାରେ ସହାୟତା କରିବା ପରେ, ଆସିଫ ସେହି ବର୍ଷ ଷ୍ଟେଇଣ୍ଡିଜ ବିପକ୍ଷରେ ତାଙ୍କର ପ୍ରଥମ ଟି ୨୦ ମ୍ୟାଚ ଖେଳିଥିଲେ ଦୁଇ ମାସ ପରେ, ସେ ତାଙ୍କର ଏକ ଦିବସୀୟ ଡେବ୍ୟୁ କରିଥିଲେ। ତଥାପି, ତାଙ୍କର ଫର୍ମ ଏବଂ ସ୍ଥିରତାର ଅଭାବ ଯୋଗୁ ତାଙ୍କୁ ଦଳରୁ ବାହାର କରିଦିଆଯାଇଥିଲା, ଏବଂ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ ୨୦୨୩ଏସୀୟ କ୍ରୀଡ଼ାରେ ଦ୍ୱିତୀୟ ସ୍ତରର ପାକିସ୍ତାନୀ ଦଳ ପାଇଁ ଖେଳିଥିଲା। ୨୧ଟି ଦିନିକିଆରେ, ସେ ୨୫.୪୬ ହାରରେ ୩୮୨ ରନ କରିଥିଲେ ଏବଂ ତାଙ୍କ ବେଲ୍ଟରେ ତିନୋଟି ଅର୍ଦ୍ଧଶତକ ଥିଲା। ଟି୨୦ ଏସ୍‌୫୮ ଫିକ୍ସରରେ, ସେ ୧୫-୧୮ ହାରରେ ୫୭୭ ରନ, ୧୩୩.୮୭ ଷ୍ଟ୍ରାଇକ ରେଟ ଏବଂ ୪୧ ଅପରାଜିତ ର ସର୍ବୋତ୍ତମ ସ୍କୋର କରିଛନ୍ତି।

### ରାଜ୍ୟ କନିଷ୍ଠ ବାଳିକା ହକି

## ସେମିଫାଇନାଲ ସୂଚୀ ଚୂଡ଼ାନ୍ତ

ରାଉରକେଲା, ୨।୯: ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ରାଜ୍ୟ କନିଷ୍ଠ ବାଳିକା ହକି ପ୍ରତିଯୋଗିତାର ସେମିଫାଇନାଲ ସୂଚି ଚୂଡ଼ାନ୍ତ ହୋଇଯାଇଛି। ନିଜ ନିଜ କ୍ୱାର୍ଟରଫାଇନାଲ ମ୍ୟାଚ୍‌କୁ ଜିତି ସୁନ୍ଦରଗଡ଼, ଏସ୍‌ଏମ୍‌ଏସ୍ ହକି ଏକାଡେମୀ, ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ଓ ଖୋର୍ଦ୍ଧା ସେମିଫାଇନାଲ ପ୍ରବେଶ କରିଛନ୍ତି ମଙ୍ଗଳବାର ସନ୍ଧ୍ୟାରେ ଉଭୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ସୋମବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼ର ଉଭୟ ଦଳ ମୁହାଁମୁହିଁ ହୋଇଥିଲେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସୁନ୍ଦରଗଡ଼ ହକି ସଂଘ ୧-୦ ଗୋଲ୍‌ରେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସକୁ ପରାସ୍ତ କରିଥିଲା। ସେହିଭଳି ଏସ୍‌ଏମ୍‌ଏସ୍ ହକି ଏକାଡେମୀ ୮-୦ ଗୋଲରେ ପୁରୀକୁ ପରାସ୍ତ କରିଥିବାବେଳେ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ୪-୦ ଗୋଲରେ ଝାରସୁଗୁଡ଼ା ଓ ଖୋର୍ଦ୍ଧା ୧୯-୦ ଗୋଲ୍‌ରେ ଜିନ୍ଦଲ ଫାଉଣ୍ଡେସନକୁ ପରାସ୍ତକରି ସେମିଫାଇନାଲ ସ୍ଥାନ ସୁରକ୍ଷିତ କରିଛନ୍ତି।

## ଏବିଙ୍କ ଶ୍ରେଷ୍ଠ ୫ କ୍ରିକେଟର

ନୂଆଦିଲ୍ଲୀ, ୨।୯: ପ୍ରତ୍ୟେକ କ୍ରିକେଟ ପ୍ରେମୀ ଏବି ଡିଭିଲିୟର୍ସ ଏବଂ ବିରାଟ କୋହଲିଙ୍କ ବନ୍ଧୁତା ବିଷୟରେ ଜାଣନ୍ତି। ଉଭୟ ଖେଳାଳି ପରସ୍ପରକୁ ବହୁତ ସମ୍ମାନ କରନ୍ତି ଏବଂ ଅନେକ ସମୟରେ ପରସ୍ପରର ପ୍ରଶଂସା କରିଛନ୍ତି। ନିକଟରେ ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ଡିଭିଲିୟର୍ସ ଶ୍ରେଷ୍ଠ-୫ ଶ୍ରେଷ୍ଠ କ୍ରିକେଟର ବାଛିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଲା ଯେ ସେ ଏଥିରେ ବିରାଟ କୋହଲିଙ୍କୁ ସାମିଲ କରିନାହାନ୍ତି। ତାଙ୍କ ତାଲିକାରେ ସଚିନ ତେନ୍ଦୁଲକର ମଧ୍ୟ ଅଛନ୍ତି। ତଥାପି, ଏହା ପରେ ସେ ବିରାଟଙ୍କୁ କ୍ଷମା ମଧ୍ୟ ମାଗିଥିଲେ।

ଏବି ଡିଭିଲିୟର୍ସ ସଚିନ ତେନ୍ଦୁଲକରଙ୍କ ରୂପରେ ଜଣେ ଭାରତୀୟ ଖେଳାଳିଙ୍କୁ ଶ୍ରେଷ୍ଠ-୫ରେ ସାମିଲ କରିଥିଲେ। ତାଙ୍କ ବ୍ୟତୀତ, ଡିଭିଲିୟର୍ସ ଜଣେ ପାକିସ୍ତାନୀ ଏବଂ ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକାର ୩ ଜଣ ଖେଳାଳିଙ୍କୁ ଚୟନ କରିଥିଲେ। ଡିଭିଲିୟର୍ସ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ଜ୍ୟାକ କାଲିସ, ଇଂଲଣ୍ଡର ଆଣ୍ଡ୍ରୁ ଫ୍ଲିଣ୍ଟଫ, ଅଷ୍ଟ୍ରେଲିଆର ଶେନ ୱାର୍ନଙ୍କୁ ଚୟନ କରିଥିଲେ। ସେ ଏଥିରେ ପାକିସ୍ତାନ ବୋଲର ମହମ୍ମଦ ଆସିଫଙ୍କୁ ମଧ୍ୟ ଚୟନ କରିଥିଲେ। ତଥାପି, ତାଲିକାରେ ବିରାଟ କୋହଲିଙ୍କୁ ସାମିଲ ନ କରିବା ପାଇଁ ଡିଭିଲିୟର୍ସ ମଧ୍ୟ କ୍ଷମା ମାଗିଥିଲେ। ସେ ଏହି ଖେଳାଳିମାନଙ୍କ ନାମ ନେଇଥିଲେ ଏବଂ କହିଥିଲେ, ଯେତେବେଳେ ସଚିନ ତେନ୍ଦୁଲକର ବ୍ୟାଟିଂ କରିବାକୁ ଆସୁଥିଲେ, ତାଙ୍କୁ ଯେଉଁଭଳି ସ୍ୱାଗତ କରାଯାଉଥିଲା, ତାହା ଚମତ୍କାର ଥିଲା। ଜ୍ୟାକ କାଲିସ ସର୍ବକାଳୀନ ଶ୍ରେଷ୍ଠ କ୍ରିକେଟର। ସେ ଏହି ତାଲିକାରେ ପାକିସ୍ତାନର ମହମ୍ମଦ ଆସିଫଙ୍କୁ ବାଛିଥିଲେ ଏବଂ କହିଥିଲେ, ସେ ମୋ କ୍ୟାରିୟରରେ ମୋତେ ବୋଲିଂ କରିବା ପାଇଁ ସର୍ବଶ୍ରେଷ୍ଠ ବୋଲରମାନଙ୍କ ମଧ୍ୟରୁ ଜଣେ ଥିଲେ। ମୁଁ ଶେନ ୱାର୍ନଙ୍କ ବିପକ୍ଷରେ ଖେଳିବାକୁ ଭଲ ପାଉଥିଲି, କିନ୍ତୁ ମୋତେ କେବେ କୌଣସି ଅସୁବିଧା ହୋଇ ନ ଥିଲା। ଆଣ୍ଡ୍ରୁ ଫ୍ଲିଣ୍ଟଫ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବଡ଼ ମ୍ୟାଚ୍‌ରେ ଭଲ କରନ୍ତି। ସେଥିପାଇଁ ସେ ଶ୍ରେଷ୍ଠ।

## ସମର୍ପିତ କ୍ରିକେଟ୍ ପ୍ରତିଭା ସାଇଦୀପ୍

କଟକ ୨।୯:: ଓଡ଼ିଶା କ୍ରିକେଟ୍‌ର ତରୁଣ ପ୍ରତିଭାମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛନ୍ତି ସାଇଦୀପ୍ ମହାପାତ୍ର (ଅଗ୍ନି) ସାତ ବର୍ଷ ବୟସରେ ଜୁଭେନାଇଲ୍ କ୍ରିକେଟ୍ କ୍ଲବ୍‌ରେ ବ୍ୟାଟ୍ ଧରିବା ଶିଖିଥିବା ସାଇଦୀପ୍ ଏବେ ରାଜ୍ୟ ଜୁନିୟର ଦଳ ଆଗ ଧାଡ଼ିର ବ୍ୟାଟର୍ ଏବେ ସାଇଦୀପଙ୍କ ପ୍ରତିଭା ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରତିଫଳିତ ହେଉଛି। ଉଭୟ ବ୍ୟାଟିଂ ଓ ବୋଲିଂକୁ ସମତାଳରେ ଧରି ଚାଲିଛନ୍ତି ସେ କେଶଳ, ଦକ୍ଷତା ସହ ମାନସିକ ସ୍ଥିରତା ଓ କଠିନ ଅଭ୍ୟାସ ପାଇଁ ସାଇଦୀପ୍ ବିଦ୍ୟାଳୟସ୍ତରରୁ ବଢ଼ି ଏବେ ରାଜ୍ୟ ଜୁନିୟର ଦଳରେ ନିଜର ସ୍ଥାନ ସଂରକ୍ଷିତ କରିଛନ୍ତି। ଆଗକୁ ରାଜ୍ୟ ସିନିୟର ଦଳରେ ରହି ଓଡ଼ିଶା କ୍ରିକେଟକୁ ଉଚ୍ଚସ୍ତରକୁ ଆଗକୁ ନେବାକୁ ସ୍ୱପ୍ନ ଦେଖିଛନ୍ତି ଆଉ ସଂକଳ୍ପ ନେଇଛନ୍ତି ସେ ।



ସାଇଦୀପ୍ ସିଡିଏ ଡିଏଭିରେ ପଢୁଥିବା ବେଳେ ସ୍କୁଲ ଟିମ୍ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସ୍କୁଲ ପକ୍ଷରୁ ତାଙ୍କୁ ଏକ ବାଇକ୍ ଉପହାର ଦିଆଯାଇଥିଲା। ଏହା ପରେ ଆଉ ସେ ପଛକୁ ଚାହିଁନାହାନ୍ତି। ୨୦୨୪-୨୫ରେ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ୍ ହେଉ ଅବା ବୁଚି ବାବୁ ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ ହେଉ, ସବୁ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ସେ ଆଶାନୁରୂପ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସାଇଦୀପ୍ ଚଳିତ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫିର ୭ଟି ମ୍ୟାଚ୍‌ରେ ୧୨ଟି ଇନିଂସରୁ ଗୋଟିଏ ଶତକ, ଦୁଇଟି ଅର୍ଦ୍ଧଶତକ ସହିତ ୪୦.୦୯ ହାରାହାରିରେ ମୋଟ ୪୪୧ ରନ୍ ସଂଗ୍ରହ କରିଛନ୍ତି। ସେହିପରି ବୋଲିଂରେ ସେ ୧୧ଟି ୱିକେଟ୍ ନେଇଛନ୍ତି ଉତ୍ତରାଖଣ୍ଡ ବିପକ୍ଷରେ ସେ ଶତକ (୧୧୯) ଏବଂ ମହାରାଷ୍ଟ୍ର (୪୦), କେରଳ (୬୪) କର୍ଣ୍ଣାଟକ (୫୫), ତ୍ରିପୁରା (୪୩, ୪୬) ବିପକ୍ଷରେ ପ୍ରଭାବୀ ପାଳି ଖେଳିଥିଲେ। ସେହିପରି ୨୦୨୪-୨୫ ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍ ଟ୍ରଫି ଦିନିକିଆ କ୍ରିକେଟ୍‌ରେ ସାଇଦୀପ ସଫଳତା ପାଇଥିଲେ। ସାଇଦୀପ୍ ଓଡ଼ିଶା ସିନିୟର ଦଳ ପ୍ରଶିକ୍ଷଣ ଶିବିରରେ ସ୍ଥାନ ପାଇଛନ୍ତି। ଓଡ଼ିଶା ସିନିୟର ଦଳ ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ପ୍ରଶିକ୍ଷଣ ଶିବିର କରିବା ପରେ ଏବେ ବୁଚି ବାବୁ ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ ପ୍ରତିଯୋଗିତା ଖେଳିବା ସୁଯୋଗ ପାଇଛନ୍ତି। ସାଇଦୀପ୍ ଏବେ ମଧୁସୂଦନ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଗ୍ରହଣ କରୁଛନ୍ତି। ବାପା ଆଇନଜୀବୀ ପ୍ରଦୀପ ମହାପାତ୍ର ଓ ମା ମମତାମୟୀ ମହାପାତ୍ରଙ୍କ ପ୍ରେରଣାରେ ଆଗକୁ ବଢ଼ିଥିବା ସାଇଦୀପ୍ ଏବେ ଓଡ଼ିଶା ସିନିୟର ଦଳକୁ ଯିବାକୁ ଆଶା ରଖିଛନ୍ତି। ସିନିୟର ଦଳ ପକ୍ଷରୁ ବିଭିନ୍ନ ଆମନ୍ତ୍ରଣୀୟ ପ୍ରତିଯୋଗିତା ଲାଗି ମନୋନୀତ ହେବା ପରେ ଏବେ ସାଇଦୀପ ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇବା ନେଇ ଆଶା କରାଯାଉଛି।

## ଟାଇଟଲ ସ୍ପନସରଶିପ୍ ଲାଗି ବିଡ୍ ପ୍ରକ୍ରିୟା



ନୂଆଦିଲ୍ଲୀ, ୨।୯: ଫାଣ୍ଟାସି ସ୍ପୋଟର୍ସ କମ୍ପାନୀ ଡ୍ରିମ୍ ୧୧ ଓହରିବା ପରେ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସରଶିପ୍ ଅଧିକାର ଲାଗି ବିସିସିଆଇ ମଙ୍ଗଳବାର ବିଡ୍ ଆମନ୍ତ୍ରଣ କରିଛି। ସରକାରଙ୍କ ପକ୍ଷରୁ ବ୍ୟାନ୍ କରାଯିବା ପରେ ଏହି ବିଡ୍ ପ୍ରକ୍ରିୟାରୁ ରିୟଲ ମନି ଗେମିଂ ଓ କ୍ରିପ୍ଟୋ କରେନ୍ସି କମ୍ପାନୀକୁ ବାଦ୍ କରାଯାଇଛି।

ଆସନ୍ତା ୯ ତାରିଖରୁ ୟୁଏଇରେ ଆରମ୍ଭ ହେବାକୁଥିବା ଏସିଆ କପ୍‌ରେ ଭାରତୀୟ ଦଳ ବିନା ଟାଇଟଲ ସ୍ପନସର୍‌ରେ ଖେଳିବ ବୋର୍ଡ ପକ୍ଷରୁ ଆସନ୍ତା ୧୬ ତାରିଖକୁ ବିଡ୍ ଦାଖଲର ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି। ପ୍ରମୋଶନ ଓ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ କାରଣରୁ ଡ୍ରିମ୍ ୧୧ ଭଳି ରିୟଲ ମନି ଗେମିଂ ଦେଶରେ ବ୍ୟାନ୍ ହୋଇଯାଇଛି। ଡ୍ରିମ୍ ୧୧ ଓ ମାଇଁ ୧୧ ସର୍କଲ ଭଳି କମ୍ପାନୀଠାରୁ ବିସିସିଆଇକୁ ପ୍ରାୟ ୧୦୦୦ କୋଟି ଟଙ୍କା ମିଳୁଥିଲା ଦୁହେଁ ଯଥାକ୍ରମେ ଭାରତୀୟ କ୍ରିକେଟ୍ ଦଳ ଓ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ର ଟାଇଟଲ ସ୍ପନସର ଥିଲେ।

## ଏସିଆ କପ୍ ହକି : ସୁପର-୪ରେ ଭାରତ

ରାଜଗିର,, ୨।୯: ବିହାରର ରାଜଗିରଠାରେ ଆୟୋଜିତ ଏସିଆ କପ୍ ହକିରେ ଭାରତ ସୋମବାର ଗୋଲ୍ ବର୍ଷା କରି କାଜାଖସ୍ତାନକୁ ୧୫-୦ରେ ଧରାଶାୟୀ କରିଛି ତାସହିତ ଲଗାତାର ତୃତୀୟ ବିଜୟ ହାସଲ କରି ଗ୍ରୁପ୍-ଏ ବିଜେତା ଭାବେ ସୁପର-୪ରେ ପ୍ରବେଶ କରିଛି ଏହା ପୂର୍ବରୁ ଘରୋଇ ଭାରତ ତାର ପ୍ରଥମ ମ୍ୟାଚ୍‌ରେ ଚୀନକୁ ୪-୩ ଏବଂ ଦ୍ୱିତୀୟରେ ଜାପାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଥିଲା।

ସୋମବାର ଭାରତୀୟ ଦଳ ଗୋଲ୍ ପରେ ଗୋଲ୍ ଦେଇ ଚାଲିଥିଲା ବେଳେ ଲଗାତାର ୩ଦଶନ୍ଧି ପରେ ଏସିଆ କପ୍ ଖେଳୁଥିବା କାଜାଖସ୍ତାନ କେବଳ ଅସହାୟ ଭାବେ ଦେଖଣାହାରୀ ସାଜିଥିଲା କାଜାଖସ୍ତାନର ଅନଭିଜ୍ଞ ଓ ଅପରିପକ୍ୱ ରକ୍ଷଣଭାଗକୁ ଚକ୍‌ମା ଦେଇ ଭାରତୀୟ ଅଗ୍ରଭାଗ ପ୍ରଥମ ଥର ନିଜ ପୂରା ଦକ୍ଷତାର ସହ ଖେଳିଥିଲା ସେଥିପାଇଁ ପ୍ରଥମାର୍ଦ୍ଧ ସୁଦ୍ଧା ୭-୦ରେ ଆଗୁଆ ହୋଇସାରିଥିଲା ଦ୍ୱିତୀୟାର୍ଦ୍ଧରେ ଆଉ ୮ଟି ଗୋଲ୍ ଦେଇ ନିଜ ଏସିଆ କପ୍ ଇତିହାସର ଅନ୍ୟତମ ସହଜ ବିଜୟ ହାସଲ କରିଥିଲା ଟିମ୍ ଇଣ୍ଡିଆ। ପକ୍ଷରୁ ଅଭିଷେକ (୫, ୮, ୨୦, ୫୯ ମିନିଟ୍) ଚାରିଟି ଗୋଲ୍ ଦେଇଥିଲା ବେଳେ ସୁଖଜିତ ସିଂହ (୧୫, ୧୨, ୩୮ ମିନିଟ୍) ତିନିଟି ଗୋଲ୍ କରିଥିଲେ। ଅଭିଷେକଙ୍କ ୪, ସୁଖଜିତଙ୍କ ୩ ଗୋଲ: କାଜାଖସ୍ତାନ ୧୫-୦ରେ ହାରିଲା।



ଅନ୍ୟମାନଙ୍କ ମଧ୍ୟରେ ଯୁଗରାଜ ସିଂହ (୨୪, ୩୧ ମିନିଟ୍), ଅଧିନାୟକ ହର୍ମନପ୍ରୀତ ସିଂହ (୨୬, ୪୬ ମିନିଟ୍) ଦୁଇଟି ଲେଖାଏଁ ଏବଂ ଓଡ଼ିଆ ତାରକା ଅମିତ ରୋହିଦାସ (୨୯), ରାଜିନ୍ଦର ସିଂହ (୩୨), ସଂଜୟ ରାଣା (୫୪) ଓ ଦିଲପ୍ରୀ ସିଂହ (୫୫ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ ଆଜିର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଚୀନ-ଜାପାନ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା ଦକ୍ଷିଣ କୋରିଆ ୫-୧ ଗୋଲ୍‌ରେ ବାଂଲାଦେଶକୁ ଏବଂ ମାଲେସିଆ ୧୫-୦ ଗୋଲରେ ଚାଇନିଜ୍ ତାଇପେଇକୁ ପରାସ୍ତ କରିଥିଲା ଏହା ପରେ ଗ୍ରୁପ୍-ଏରୁ ଚୀନ (୪ପଏଣ୍ଟ) ଭାରତଠାରୁ ୫ ପଏଣ୍ଟ କମ୍ ପାଇ ସୁପର-୪କୁ ଯାଇଛି ଗ୍ରୁପ୍-ବିରୁ ମାଲେସିଆ (୩ ବିଜୟ, ୯ ପଏଣ୍ଟ) ଗ୍ରୁପ୍ ବିଜେତା ଏବଂ ଦକ୍ଷିଣ କୋରିଆ (୨ ବିଜୟ, ୧ ପରାଜୟ, ୬ ପଏଣ୍ଟ) ଉପବିଜେତା ଭାବେ ସୁପର-୪କୁ ଯାଇଛନ୍ତି।

## ପଡ଼ିଆରେ ରନ ବର୍ଷା କଲେ ଟିମ୍ ସେଫର୍ଟ

ନୂଆଦିଲ୍ଲୀ, ୨।୯: କାରିବିଆନ୍ ପ୍ରିମିୟର ଲିଗ୍ ୨୦୨୫ରେ ବ୍ୟାଟ୍ସମ୍ୟାନ ଟିମ୍ ସେଫର୍ଟ ଏକ ବିସ୍ଫୋରକ ଏବଂ ଐତିହାସିକ ଇନିଂସ ଖେଳିଥିଲେ, ସେ ୪୦ ବଲ୍ ରେ ଶତକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସିପିଏଲ ଇତିହାସରେ ଦ୍ରୁତତମ ଶତକ ହାସଲ କରିବାରେ ସେ ଆନ୍ଦ୍ରେ ରସେଲଙ୍କ ସମକକ୍ଷ ହୋଇଛନ୍ତି। ନ୍ୟୁଜିଲ୍ୟାଣ୍ଡର ଏହି ବିସ୍ଫୋରକ ଖେଳାଳି ସିପିଏଲରେ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଖେଳୁଛନ୍ତି ସେ ୩ଟି ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି

ଟିମ୍ ସେଫର୍ଟ ଏହି ଇନିଂସରେ କେବଳ ଛକା ଏବଂ ଚୌକା ମାଧ୍ୟମରେ ୯୪ ରନ କରିଥିଲେ ସେ ୯ ଛକା (୫୪ ରନ) ଏବଂ ୧୦ ଚୌକା (୪୦ ରନ) ମାରିଥିଲେ ସେଣ୍ଟ ଲୁସିଆ। ଏହି ମ୍ୟାଚରେ ଆଣ୍ଟିଗୁଆ ଏବଂ ବାର୍ବୁଡା ଫାଲକନ୍ସକୁ ୬ କେଟରେ ପରାସ୍ତ କରିଥିଲା ଟିମ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ରବିବାର ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି



ଆଣ୍ଟିଗୁଆ ଏବଂ ବାର୍ବୁଡା ଫାଲକନ୍ସ ୨୦୪ ରନ କରିଥିଲେ ଆମିର ଜାଙ୍ଗୁ ୫୬ ରନ, ସାକିବ ଅଲ୍ ହାସନ ୨୬ ବଲ୍ ରେ ୬୧ ରନ କରିଥିଲେ ଫାବିଆନ୍ ଆଲେନ୍ ୧୭ ବଲ୍ ରେ ୩୮ ରନ କରିଥିଲେ । ସିପିଏଲ୍ ରେ ଦ୍ରୁତତମ ଶତକ ବ୍ୟତୀତ ସେ ଆଉ ୩ଟି ରେକର୍ଡ ଭାଙ୍ଗିଦେଇଥିଲେ ଟିମ୍ ସେଫର୍ଟ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଏକ ଇନିଂସରେ ସର୍ବାଧିକ ବାଉଣ୍ଡାରୀ ମାରିବାର ରେକର୍ଡ ଭାଙ୍ଗିଦେଇଛନ୍ତି ସେ ଏହି ଇନିଂସରେ କେବଳ ଛକା ଏବଂ ଚୌକା ସାହାଯ୍ୟରେ ୯୪ ରନ୍ କରିଥିଲେ ପୂର୍ବରୁ ଏହି ରେକର୍ଡ ଫାଫ୍ ଡୁ ପ୍ଲେସିସ୍ ଙ୍କ ନାମରେ ଥିଲା, ଯିଏ ବାଉଣ୍ଡାରୀରୁ ୮୨ ରନ୍ କରିଥିଲେ ସେ ଏହି ଫ୍ରାଞ୍ଚାଇଜ୍ ପାଇଁ ସବୁଠାରୁ ବଡ଼ ଇନିଂସ ଖେଳିଥିବା ବ୍ୟାଟ୍ସମ୍ୟାନ୍ ମଧ୍ୟ ହୋଇଛନ୍ତି, ଏହି କ୍ଷେତ୍ରରେ ସେ ଡୁ ପ୍ଲେସିସ୍ (୧୨୦) ଙ୍କ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ଏହା ସହିତ ଟିମ୍ ସେଫର୍ଟ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଏକ ଇନିଂସରେ ସର୍ବାଧିକ ଛକା ମାରିଥିବା ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି ସେ ମୋଟ ୯ ଛକା ମାରିଥିଲେ, ପୂର୍ବରୁ ଏହି ରେକର୍ଡ କିରନ୍ ପୋଲାର୍ଡଙ୍କ ନାମରେ ଥିଲା ଯିଏ ଏକ ଇନିଂସରେ ୮ ଛକା ମାରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ